
ଓଡ଼ିଶାର ପ୍ରଥମ ସମ୍ପୂର୍ଣ୍ଣ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଡିସେମ୍ବର, ୨୦୧୪



www.aahwaan.com






‘ଆହ୍ୱାନ’ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତ ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର  ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ ।

ନବମ ବର୍ଷ, ଷଷ୍ଠ ସଂଖ୍ୟା
ଡିସେମ୍ବର ୨୦୧୪



ଆହ୍ୱାନ ଓଡ଼ିଆ ପରିବାର

# ସମ୍ପାଦକୀୟ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବର୍ଷର ଶେଷ ମାସ । ଆଉ ଅଲ୍ପଦନପରେ ଏଇ ଧରଣୀରେ ଉପସ୍ଥିତ ହେବ ପୁଣି ଏକ ଇଂରେଜ ନବବର୍ଷ । ପୁଣିଥରେ ହର୍ଷୋଲ୍ଲାସରେ ସମୟ କେମିତ କଟିଯିବ ଜଣାପଡ଼ିବ ନାହିଁ । ନବବର୍ଷର ଅନତ ପୂର୍ବରୁ ବଡ଼ଦନ ପର୍ବ ଆଉ ଶୀତୁଆ ପାଗରେ ବଣଭୋଜର ଆସର ଏହ ଦନମାନଙ୍କୁ କରଦେବ ଆହୁର ଉତ୍ସବମୁଖର । ପାର୍ବଣପର୍ବର ବଦାୟପରେ ପରେ ଧାନ ଅମଳ ସମୟରେ ଶୀତଋତୁର ଆଗମନ ମନକୁ ଶୀହରଇ ଦେଉଥିବା ବେଳେ ବଗତ ବର୍ଷମାନଙ୍କ ତୁଳନାରେ ଚଳତ ବର୍ଷ ଅଳ୍ପ ଶୀତ ଅନୁଭୂତ ହେଉଥିବାର ଅଭଯୋଗ ଅନେକ କରନ୍ତ, ସମ୍ଭବତଃ ଏଥିପାଇଁ ବଗତବର୍ଷର ଫାଇଲନ୍ ଏବଂ ଚଳତବର୍ଷର ହୁଦ୍ ହୁଦ୍ ଦାୟୀ ହୋଇପାରନ୍ତ ।

ଶୀତ ଆସିଲେ ସୁଦ୍ଧା ମନର ଉତ୍ତେଜନାକୁ କେବେ ତାହା ଅବଦମିତ କର ରଖିପାରେ ନାହିଁ, ସେହପର ସାହତ୍ୟବ୍ରତୀ ଅଗଣିତ ଲେଖକ ଲେଖିକାଙ୍କ ଉତ୍ସାହ, ଉଦ୍ଦୀପନା ଓ ସହାୟତାକୁ ପାଥେୟ କର ପୁଣିଥରେ ଏକ ନବକଳେବରରେ ଉପସ୍ଥିତ ହୋଇଛ ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହତ୍ୟ ଇ-ପତ୍ରିକା ଆହ୍ୱାନ । ଦନକୁ ଦନ ଫେସବୁକର ଆହ୍ୱାନ ଗ୍ରୁପରେ ସଦସ୍ୟଙ୍କ ସଂଖ୍ୟାରେ ବୃଦ୍ଧି ଏହ ପତ୍ରିକାର ପାଠକୀୟ ସ୍ୱୀକୃତକୁ ଦର୍ଶାଉଛ । ଶୀତ ଦନରେ ଓଡ଼ିଶାର ବଭିନ୍ନ ଗୌରବବହନକାରୀ ମନ୍ଦିର ଓ ଅଞ୍ଚଳମାନଙ୍କରେ ବାର୍ଷିକ ଉତ୍ସବମାନେ ଆରମ୍ଭ ହୋଇଛ । ନକଟ ଅତୀତରେ କୋଣାର୍କ ନୃତ୍ୟୋତ୍ସବ ସମାପନ ହୋଇଛ । ଏହାପରେ ପରେ ଅନେକ ସ୍ଥାନରେ ସମରୂପ କାର୍ଯ୍ୟକ୍ରମମାନ ଆୟୋଜନ ହେବ, ଏହା ଦ୍ୱାରା ବଲୁପ୍ତ ହେବାର ଦ୍ୱାରଦେଶରେ ଆସି ପହଞ୍ଚିଥିବା ଐତହ୍ୟକୁ ପୁଣି କଛ ଅମ୍ଳଜାନ ମିଳଯାଇପାରେ ଏବଂ ପୁଣି କଛ ଦନ, ମାସ ବା ବର୍ଷ ସେ ସବୁ ଐତହ୍ୟ ଆମ ଜନମାନସରେ ସ୍ଥାନ ରଖିବା ଉଦ୍ଦେଶ୍ୟନେଇ ହେଉଥିବା ଏହ ସମୟ କାର୍ଯ୍ୟକ୍ରମ ବାସ୍ତବକ ପ୍ରଶଂସନୀୟ ।

ସେହପର ସାହତ୍ୟ କ୍ଷେତ୍ରରେ ମଧ୍ୟ ଏହ ସମୟରେ ରାଜ୍ୟର ବଭିନ୍ନ ସହର ମାନଙ୍କର ନାଟକ ମହୋତ୍ସବ, ସାହତ୍ୟ ପାଠ୍ୟକ୍ରମ, ଆଲୋଚନାଚକ୍ର, କବତା ପାଠୋତ୍ସବ ଆଦର ଆୟୋଜନ ହେଉଥିବା ଖବର ଆମେ ନତଦନ ଖବର କାଗଜରୁ ପାଇ ପଢ଼ିବା ପରେ ସନ୍ତୋଷ ଲାଗୁଛ ଯେ ଆମଭାଷାକୁ ଆମ ନଜଲୋକମାନେ ହତାଦର କରୁଥିବା ସତ୍ତ୍ୱେ ବ କଛ ଉଦ୍ୟମୀ, ସତ୍‌ସାହାସୀ ଲେଖକ ଲେଖିକାମାନେ ଅଛନ୍ତ, ଯେଉଁମାନେ ଆଗାମୀ ଯୁଗରେ ସାହତ୍ୟକୁ ନୂଆ





ଦଗଦର୍ଶନ ଦେବାପାଇଁ ତତ୍ପର ହୋଇଛନ୍ତ ।

ଭରତର ସ୍ୱାଧୀନତା ପରବର୍ତ୍ତି ସମୟରେ ଭାଷାଭତ୍ତିକ ରାଜ୍ୟମାନ ଗଠନ ହୋଇଥିଲା ଏବଂ ସେ ସବୁରେ ପ୍ରଥମ ଥିଲା ଓଡ଼ିଶା । ଅଥଚ ଆଜ ଅବସ୍ଥା ଏମିତ ହେଲାଣି ଯେ ଏହ ଭୂଇଁର ଦାୟାଦମାନେ ଅତ ଆନନ୍ଦର ସହ ବନା ଲଜ୍ଜା ବା ସଙ୍କୋଚରେ କହପାରୁଛନ୍ତ, 'ମୋତେ ଓଡ଼ିଆ ପଢ଼ିଲେଖି ଆସେନ । କାରଣ ଚାକରୀ କରୁଥିବା ସ୍ଥାନରେ ତ ଆଉ ଓଡ଼ିଆ ବ୍ୟବହାର ହେଉନ !!!' ଆଶ୍ଚର୍ଯ୍ୟ ଲାଗେ ଯେ ମାତ୍ର ଛଅରୁ ସାତ ଘଣ୍ଟା ଚାକରୀ କରୁଥିବା ସ୍ଥାନରେ ଓଡ଼ିଆର ବ୍ୟବହାର ନାହିଁ ବୋଲ ଚବଶି ଘଣ୍ଟା କୁହାଯାଉଥିବା ଭାଷାଟିକୁ ତୁମେ ଲୋପ କରଦେବ ? ଓଡ଼ିଆ ଜାଣେନ କହବାରେ ପୁଣି କ ଗୌରବ ? ଇଂରେଜ ଭାଷାକୁ ଜାଣ, ବଦ୍ୱାନ ବ ହୁଅ, ସେଥିରେ ଆମେ ବ ଖୁସି ହେବୁ, ଆମ ଭାଇ ଜଣେ ଇଂରେଜୀ ଭାଷାରେ ଗ୍ରନ୍ଥ ରଚନା କଲେ ଆମେ ବ ଖୁଶି ହେବୁ, କନ୍ତୁ ତା ବୋଲ ଓଡ଼ିଆଭାଷାକୁ ଭୁଲଯିବ, ତାହା ଆମେ କଦାପି ବରଦାସ୍ତ କରବୁ ନାହିଁ । ହଁ ଆମେ ବ ଚାକରୀଆ, ଆମ ଦପ୍ତରରେ ବ ଇଂରେଜୀ ଭାଷାର ବହୁଳ ବ୍ୟବହାର ହୁଏ । କନ୍ତୁ ଓଡ଼ିଆ ଭାଷା ଆମ ଘରେ ବ୍ୟବହାର ହୁଏ । ପିଲାମାନେ ଇଂରେଜୀ ମାଧ୍ୟମ ସ୍କୁଲରେ ପଢୁଛନ୍ତ ପଢ଼ନ୍ତୁ, କନ୍ତୁ ସମୟ ପାଇଲେ ସେମାନଙ୍କୁ ଆମ ଭାଷା ଓ ଲପି ସହ ପରଚୟ କରାଇଦେବାରେ କ ହୀନମନ୍ୟତା ?

କଛ ବନ୍ଧୁ ସୁଦୂର ଦଲ୍ଲୀ ସହରରେ ଏଇମିତ ଏକ ଅଭଯାନ ଆରମ୍ଭ କରଛନ୍ତ, ଛୁଟିଦନ ମାନଙ୍କରେ ଓଡ଼ିଆ ଭାଇଭଉଣୀଙ୍କୁ ଓଡ଼ିଆ ଭାଷା ସହ ପରଚତ କରାଉଛନ୍ତ, ସେମାନଙ୍କ ପ୍ରଚେଷ୍ଟାକୁ ଆମେ ଶତ ଧନ୍ୟବାଦ ଦେଉଛୁ, ଏହପର ପ୍ରଚେଷ୍ଟା ପ୍ରତ୍ୟେକ ବଚ୍ଛିନ୍ନାଞ୍ଚଳରେ ଅବଶ୍ୟ ହେବା ଉଚତ । ତେବେ ଯାଇ ଆମ ଭାଷା ବଞ୍ଚିବ, ଆମ ସାହତ୍ୟ ବଞ୍ଚିବ, ଆମ ଐତହ୍ୟର ପ୍ରଶଂସା ହେବ ।

ଚଟଫଣ୍ଡ ଭୂତ ଓଡ଼ିଶାକୁ ଏମିତ ଗ୍ରାସ କରଛ ଯେ ପ୍ରତଦନ ସକାଳୁ ସକାଳୁ ଖବରକାଗଜ ଓଲଟାଇଲା ବେଳକୁ କେବଳ ସେଇ ଏକା ଅର୍ଥତତ୍ତ୍ୱ, ସିଶୋର୍, ଏନ୍ ମାର୍ଟ୍ ଆଉ କେତେ କଣ ସବୁ ଦେଖିବାକୁ ମିଳୁଛ । ସେଇ ସବୁ ସଂସ୍ଥା ଲୋକଙ୍କୁ ଭଲ ଭୁଆଁ ବୁଲେଇ ଯାହା ସବୁ ଲୁଟିନେଇଥିଲେ ତାହା ଫେରପାଇବା ଆଶାରେ କଛ ଆଶାୟୀ ରାଜନୈତକ ଦଳଙ୍କ ସମର୍ଥନରେ ଆନ୍ଦୋଳନମାନ ଚଳାଇଛନ୍ତ, ଅବଶ୍ୟ କଏ କେତେ ଟଙ୍କା ବନଯୋଗ କରଥିଲେ





ତାହାର ସଠିକ ଆକଳନ ବର୍ତ୍ତମାନ ସୁଦ୍ଧା ହୋଇପାରିନି । କିନ୍ତୁ ଏହି ମାମଲାରେ ଅନେକ ମନ୍ତ୍ରୀ, ଯନ୍ତ୍ରୀ ବାରଦୁଆର ଶୁଣ୍ଡିପିଣ୍ଡା ହେଲେଣି । କିଏ କିଏ ଏଥିରେ ଅଛନ୍ତି, ଖୋଜିବା ବେଳେ ମନକୁ ଆସୁଛି, ମାମଲାଟା ଏତେ ଗୁରୁତର ଯେ ଏବେ ଖୋଜିବାକୁ ପଡ଼ିବ କିଏ କିଏ ଏଥିରେ ନାହିଁ । ସେ ଯା ହେଉ, ଅର୍ଥ ବିନିଯୋଗ କରିବା ପାଇଁ ସରକାର ଅନେକ ଯୋଜନା କରିଥିବା ସତ୍ତ୍ୱେ ଯେଉଁ ଜ୍ଞାନୀବ୍ୟକ୍ତିମାନେ ନିଜ କଷ୍ଟାର୍ଜିତ ଧନ ନେଇ ଚିଟ୍‌ଫଣ୍ଡ ଆଉ ଅନ୍ୟାନ୍ୟ ଅର୍ଥଲଗାଣକାରୀ ସଂସ୍ଥାରେ ବିନିଯୋଗ କରିଥିଲେ, ସେମାନେ ଏବେ କଷ୍ଟରେ କାଳାତିପାତ କରୁଛନ୍ତି । ଏଇ କିଛି ଦିନତଳେ ଖବରରେ ବାହାରିଥିଲା ଯେ ଭଦ୍ରକ ଜିଲ୍ଲାରେ ଏନ୍ ମାର୍ଟ ନାମକ ଏକ ସଂସ୍ଥା ପ୍ରାୟ କୋଡ଼ିଏ କୋଟି ଟଙ୍କା ନେଇ ଗତାଗତ ଉଭାନ୍ । ଯେତେବେଳେ ଏହି ସଂସ୍ଥା ଜିଲ୍ଲାରେ କାମ କରୁଥିଲା ସେତେବେଳେ କେହି ଏହା ବିରୁଦ୍ଧରେ ଦିନେ ବି ଅଭିଯୋଗ ଆଣିନଥିଲେ, ଏବେ କେମିତି ସବୁ ଅସୁବିଧା ହୋଇଗଲା ? ଜିଲ୍ଲାରେ କଣ କେହି ବି ବୁଦ୍ଧିଜୀବି ନଥିଲେ ? ପୋଲିସ ଆଉ ଅନୁଶାସନ ବିଭାଗ କରୁଥିଲା କଣ ? ଆମେ ହେଲୁ ଏମିତି ଗୋଟିଏ ଜାତି, ଯେଉଁ ଜାତି ପାଇଁ ସେଇଧାଡ଼ିକ କଥା ସଂପୂର୍ଣ୍ଣଭାବରେ ଠିକ;

ମୋତେ ଯେତେ ମାଠିବୁ ମାଠ, ମୁଁ ସେଇ ଦରପୋଡ଼ା କାଠ ।

ଏବେ ମନ ଦୁଃଖ କଲେ ଆଉ ହେବ କଣ ? ଯାହା ତ ହେଲାଣି ହେଲାଣି, ଏବେ ଅନ୍ତତଃ ବେଳଥାଉ ସାବଧାନ ହୋଇଯାଅ । ଅନ୍ୟମାନେ ଯେଉଁମାନେ ଲୋଭ ଆଶାରେ ଏହି ସବୁ ସଂସ୍ଥାରେ ଧନ ବିନିଯୋଗ କରୁଛନ୍ତି ସେମାନଙ୍କୁ ସଚେତନ କରାଅ । ଠକ ସଂସ୍ଥାମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କର ।

ପାହାନ୍ତ ପହରୁ ଘରୁ ବାହାରିଗଲେ ଭୂଇଁ ଉପରେ ଏକ ପତଳା ଆସ୍ତରଣ କୁହୁଡ଼ିର ଆଉ ଦୂର ପର୍ଯ୍ୟନ୍ତ ଦୃଷ୍ଟି ଯାଉନାହିଁ । ତଥାପି ଶଗଡ଼ରେ ଲଦା ହୋଇ ଧାନ ବିଣ୍ଡା ବିଣ୍ଡା ବୁହା ଚାଲିଛି ଧାନଖଳାକୁ । ବର୍ଷକର ପରିଶ୍ରମର ଫଳ ଏବେ ସୁନାପରି ହସୁଛି । ଏହି ପରି ଏକ ସୁନ୍ଦର ସମୟରେ ଆପଣମାନଙ୍କୁ ଉପହାର ଦେଉଛି, ଚଳିତ ମାସର ଆହ୍ୱାନ ଇ-ପତ୍ରିକା ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ନବମ ବର୍ଷ, ଷଷ୍ଠ ସଂଖ୍ୟା
ଡିସେମ୍ବର ୨୦୧୪



ଆହ୍ୱାନ ଓଡ଼ିଆ ପରବାର

# ଏଥରର ସଂସ୍କରଣରେ...


ଦୋଷ କାହାର ୭
*ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ*

ବାପା ଓ ମା ୯
*ସୁବଳ ମହାପାତ୍ର*

ତୁମପାଇଁ କଛ ୧୪
*ସ୍ୱରୂପ କୁମାର ମଲ୍ଲ*

ଭାର୍ଗବୀର ସ୍ରୋତରେ ତୁମର ପରଶ ୧୫
*ଶ୍ରୀସୂର୍ଯ୍ୟକାନ୍ତ ଦାଶ*

ଦୁଇଟି କ୍ଷୁଦ୍ର କବତା ୧୭
*ଅନୁପମ ବେହେରା*

ପ୍ରଣୟର ସ୍ମୃତ ୧୮
*ଜଗନ୍ନାଥ ରାୟ*

ଅସୀମ ବନ୍ଧନ ୧୯
*ଶ୍ରୀମତ ସରତା ପଣ୍ଡା*

କୁଳାଙ୍ଗାର ବଚନ ୨୫
*ଡ: କୁଳାଙ୍ଗାର*

କଣ ଆଉ ରହେ ଏଇଠି ୨୬
*ଦୀପକ କୁମାର ବସ୍ତି*

ମନେ ଅଛ ତ ୨୮
*ସମରେନ୍ଦ୍ର ବଳିଆର ସିଂହ*

ଶୁଭ ବବାହ ୩୦
*ଅକ୍ଷୟ କୁମାର ଦାସ*

ତୁମେ - ଦୁଇଟି କବତା ୩୧
*କବ ଭଗିରଥୀ ବେହେରା*

ତୁମେ ଆଉ ମୁଁ ୩୩
*ନଳୀମା ନବେଦତା ବେହେରା*


ମୁଁ, ସେମାନେ ଓ ବାଦାମ ଦୋକାନ ୩୪
*ଅରବନ୍ଦ ଆଚାର୍ଯ୍ୟ*

କେଜେରୱାଲ ଓ ସାଧୁତା ୩୭
*ସ୍ୱରୂପ କୁମାର ମଲ୍ଲ*

ନାରୀ ୩୮
*ଗିରୀଶ ଚନ୍ଦ୍ର ପଣ୍ଡା*


*WishingPeace Prosperity and Pace in your life in the new year*

Happy New Year 2015



# ଆହ୍ୱାନ ଇ-ପତ୍ରକା







# ଦୋଷ କାହାର !!!



ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବିଗତ ୮ ତାରିଖ ଦିନ ଛତିଶଗଡ଼ ରାଜ୍ୟର ତଖତପୁର ଜିଲ୍ଲା ଅନ୍ତର୍ଗତ ପେଣ୍ଡାରୀ ଗାଁରେ ଏକ ମହିଳା ବନ୍ଧ୍ୟାକରଣ ଅସ୍ତ୍ରୋପଚାର କାର୍ଯ୍ୟକ୍ରମରେ ୮୩ ଜଣ ମହିଳାଙ୍କ ଅସ୍ତ୍ରୋପଚାର କରାଯାଇଥିଲା, ଏଥିରେ ୧୩ ଜଣ ମହିଳା ଅସ୍ତ୍ରୋପଚାର ପରେ ପରେ ମୃତ୍ୟୁବରଣ କରିଥିଲେ । ଏହାର ତଦନ୍ତ ହୋଇନଥିବା ବେଳେ ସରକାର ପ୍ରାଥମିକ ପଦକ୍ଷେପ ସ୍ୱରୂପ ଅସ୍ତ୍ରୋପଚାର କରିଥିବା ଡାକ୍ତରଙ୍କୁ ଚାକିରୀରୁ ନିଲମ୍ବିତ କରିଛନ୍ତି । ଏହି କାର୍ଯ୍ୟକ୍ରମର କିଛି ତଥ୍ୟ :

୧. ଏହି କାର୍ଯ୍ୟକ୍ରମ କରିଥିବା ଡା ଗୁପ୍ତାଙ୍କୁ ଚଳିତ ବର୍ଷର ଜାନୁଆରୀ ୨୬ ତାରିଖ ଦିନ ରାଜ୍ୟର ମୁଖ୍ୟମନ୍ତ୍ରୀ ରମଣ ସିଂହ ୫୦,୦୦୦ ଲାପାରୋସ୍କୋପିକ୍ ସର୍ଜରୀ କରିଥିବା ହେତୁ ସମ୍ମାନିତ କରିଥିଲେ ।

୨. ମୃତା କୌଣସି ମହିଳାଙ୍କ ପୋଷ୍ଟମର୍ଟେମ୍ ରିପୋର୍ଟରେ ଅସ୍ତ୍ରୋପଚାରରେ ତ୍ରୁଟି ହୋଇଥିବା କଥା କୁହାଯାଇନାହିଁ ।

୩. ଯଦି ଅସ୍ତ୍ରୋପଚାରରେ କୌଣସି ତ୍ରୁଟି ହୁଏ ତେବେ ମଧ୍ୟ ରୋଗୀ ୪୮ ଘଣ୍ଟାପୂର୍ବରୁ ମୃତ୍ୟୁବରଣ କରିବା ଅତ୍ୟନ୍ତ ବିରଳ । ଚିକିତ୍ସା ପ୍ରଣାଳୀରେ ତ୍ରୁଟି ରହିଲେ ତାହା ଆମ ତନ୍ତ୍ରରେ ବ୍ୟାପୀ ପଡିଯାଇ ରୋଗୀ ମୃତ୍ୟୁବରଣ କରିପାରେ, କିନ୍ତୁ ଏହି ସବୁ ଘଟଣା ପାଇଁ ଅନ୍ୟୁନ ଦୁଇ ଦିନ ସମୟ ଲାଗିପାରେ ।

୪. କିଛି ଅନଭିଜ୍ଞ ବ୍ୟକ୍ତିମାନେ କହୁଛନ୍ତି ଯେ ଅସ୍ତ୍ରୋପଚାର ସମୟରେ ଶରୀର ଭିତରର କୌଣସି ଗୁରୁତ୍ୱପୂର୍ଣ୍ଣ ଅଙ୍ଗକୁ ଆଘାତ ବାଜି ଏହି ଘଟଣା ଘଟିଥାଇପାରେ । ଯେଉଁମାନେ ଜାଣିନାହାନ୍ତି ସେମାନଙ୍କ ଅବଗତି ପାଇଁ ଜଣାଇଦେଉଛି ଯେ ଲାପାରୋସ୍କୋପିକ୍ ଅସ୍ତ୍ରୋପଚାରରେ ଅଭ୍ୟନ୍ତରୀଣ ଆଘାତ ପ୍ରାୟତଃ ହୁଏ ନାହିଁ, ଆଉ ଯଦି ବି ହୋଇଥାଏ, ତା'ହେଲେ ଏତେ ସଂଖ୍ୟକ ରୋଗୀଙ୍କ କ୍ଷେତ୍ରରେ ସମାନ ଆଘାତ ହେବା ଅସମ୍ଭବ ।

୫. କୌଣସି ପ୍ରକାରର ମେଡ଼ିକାଲ୍ ଚିକିତ୍ସାପରେ ଯଦି ରୋଗୀର ମୃତ୍ୟୁ ତୁରନ୍ତ ହୋଇଯାଏ, ତାହେଲେ ଏହାର ଏକ ମାତ୍ର କାରଣ ଔଷଧୀୟ ଅସୁବିଧା ହିଁ ହୋଇପାରେ । ଯେଉଁ ସବୁ ମହିଳାମାନେ ମୃତ୍ୟୁବରଣ କଲେ ସମ୍ଭବତଃ ସେମାନଙ୍କୁ ଦିଆଯାଇଥିବା ଔଷଧର କୌଣସି





ରାସାୟନିକ ପ୍ରକ୍ରିୟା ହେତୁ ମୃତ୍ୟୁ ହୋଇଥିବା କଥା ବିଶେଷଜ୍ଞମାନେ ମତ ଦେଇଛନ୍ତି । ସୂଚନାଯୋଗ୍ୟ ଯେ ଏହି କାର୍ଯ୍ୟକ୍ରମରେ ବ୍ୟବହାର ହୋଇଥିବା ଔଷଧ ସବୁ, ଜନୈକ ମନ୍ତ୍ରୀଙ୍କ ଜାମାତଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିଲା, ଆଉ ସେ ସବୁ ଔଷଧ ଜେନେରିକ ଔଷଧ ଥିଲା, ଯାହା ଯେଉଁ କମ୍ପାନୀରୁ ଅଣାଯାଇଥିଲା ତା'ର ନାଁ କେହି ଜାଣନ୍ତିନାହିଁ । ଜେନେରିକ୍ ଔଷଧର ବ୍ୟବହାରକୁ ପ୍ରୋତ୍ସାହନ କରୁଥିବା ଅମିର ଖାନ୍ ବର୍ତ୍ତମାନ ଏହି ଘଟଣା ପରେ କଣ ମନ୍ତବ୍ୟ ଦେଉଛନ୍ତି ତାହା ଦେଖିବାକୁ ରହିଲା । ଯେହେତୁ ଔଷଧ ଯୋଗାଣ ବ୍ୟବସ୍ଥାରେ ଥିବା ବ୍ୟକ୍ତି ମନ୍ତ୍ରୀଙ୍କ ଜାମାତା, ତେଣୁ ଔଷଧର ମାନ ନିର୍ଦ୍ଧାରଣ କରିବା ଏବଂ ପରୀକ୍ଷାନିରୀକ୍ଷା ସମୟରେ ରିପୋର୍ଟକୁ ବଦଳାଇ ଦିଆଯାଇପାରେ ।

୬. କିଛି ବ୍ୟକ୍ତି ଅଭିଯୋଗ କରନ୍ତି ଯେ ଜଣେ ଚିକିତ୍ସକ ଦିନରେ ସର୍ବାଧିକ ୧୦ଟି ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରିପାରିବ । ସେମାନଙ୍କ ଅବଗତି ପାଇଁ ଜଣାଇ ଦେଉଛି, ଯେ ଲାପାରୋସ୍କୋପିକ୍ ପ୍ରଣାଳୀରେ ଜଣେ ଚିକିତ୍ସକ ଅଗଣିତ ବନ୍ଧ୍ୟାକରଣ କରିପାରେ । ଏବଂ ଭାରତରେ ମହିଳା ବନ୍ଧ୍ୟାକରଣକୁ ପ୍ରାଧାନ୍ୟ ଦିଆଯାଇ ପ୍ରତିବର୍ଷ ଅଗଣିତ ବନ୍ଧ୍ୟାକରଣ ଶିବିର ମାନ ଆୟୋଜନ କରାଯାଏ, ଏବଂ ଚିକିତ୍ସକମାନେ ଅଗଣିତ ମହିଳାଙ୍କ ବନ୍ଧ୍ୟାକରଣ କରନ୍ତି । ଏଥିପାଇଁ କୌଣସି ସୂଚନା ସରକାରୀ ଭାବରେ ଦିଆଯାଇ ନଥିଲା, ଯେହେତୁ ଏହି କାର୍ଯ୍ୟକ୍ରମ ହେଉଥିବା ବେଳେ ଜିଲ୍ଲା ଚିକିତ୍ସାଧିକାରୀ ସମେତ, ଜିଲ୍ଲାପାଳ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ସମେତ ଅନେକ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ, ଏବଂ ସେମାନେ ନିଶ୍ଚୟ ଭାବେ ଏହା ଜାଣିଥିଲେ ଯେ ଶିବିରକୁ ଆସିଥିବା ମହିଳା ମାନଙ୍କ ସଂଖ୍ୟା ଅଧିକ ଥିବା ବେଳେ ଚିକିତ୍ସକ କେବଳ ଜଣେ ଥିଲେ, ତା ହେଲେ ଶିବିରକୁ ବନ୍ଦ କରିଦିଆଗଲା ନାହିଁ କାହିଁକି ?

ଉପରୋକ୍ତ ସମସ୍ତ ତଥ୍ୟକୁ ପଢ଼ିବାପରେ ଯାହା ସ୍ପଷ୍ଟ ଭାବରେ ଜଣାପଡ଼େ ତାହା ହେଉଛି, ଏହି ସମସ୍ତ ଘଟଣାରେ ଡାକ୍ତରଙ୍କୁ ଅଭିଯୁକ୍ତ କରି ଉପସ୍ଥାପନ କରି ସମସ୍ତେ ନିଜ ଦୋଷ କେବଳ ଡାକ୍ତରଙ୍କ ମୁଣ୍ଡରେ ଲଦିଦେବାପାଇଁ ଚାହାନ୍ତି । ଯେତେବେଳେ ଏହା ସ୍ପଷ୍ଟ ଯେ ଏଥିରେ ଡାକ୍ତରଙ୍କ କୌଣସି ତ୍ରୁଟି ଥିବାପରି ଲକ୍ଷଣ ଘଟଣାପରବର୍ତ୍ତୀ ତଦନ୍ତରୁ ଜଣାପଡ଼ିନାହିଁ ।

ଘଟଣାର ଗମ୍ଭୀରତାକୁ ଦେଖିବାପରେ ସରକାର ତରବରିଆ ଭାବରେ ଡାକ୍ତରଙ୍କୁ ବରଖାସ୍ତ କରିବା ସମ୍ପୂର୍ଣ୍ଣ ଭାବରେ ଅନୁଚିତ ଥିଲା । ଏହି ପରି ଘଟଣାମାନ ଘଟିବାପରେ କୌଣସି ଡାକ୍ତର ଚିକିତ୍ସା କରିବାକୁ କାହିଁକି ଇଚ୍ଛା ପ୍ରକଟ କରିବ ?

ନବମ ବର୍ଷ, ଷଷ୍ଠ ସଂଖ୍ୟା
ଡିସେମ୍ବର ୨୦୧୪



ଆହ୍ୱାନ ଓଡ଼ିଆ ପରବାର



# ବାପା ଓ ମା...



ସୁବଳ ମହାପାତ୍ର

ଡାକ୍ତର ଅବନାଶ୍ ଗଉଣ୍ଡ ସାର ନଜ କେବନ୍ ରେ ବସିଥାନ୍ତି । ହଠାତ୍ ଫୋନ୍ ରିଂଗ୍ ହେଲା । ଡାକ୍ତର ଅବନାଶ୍ ଫୋନ୍ ଦେଖି --- ମାମା ? ଏବେ ? ଡାକ୍ତର ଅବନାଶ୍ ଫୋନ୍ ଉଠାଇଲେ ।

ଅବନାଶ୍ :- ହଁ ମାମା , କଣ ହେଲା ?

ଜଣେ ମହଳା କାନ୍ଦି କାନ୍ଦି ସେ ପଟରୁ କହୁଥାନ୍ତି :- ହଁ ଭାଇନା , ବାପା,ମାଙ୍କର ଗାଡ଼ି ଧକ୍କା ହୋଇ ଯାଇଛ । ଜଲ୍ଦ ଆସ ।

ଅବନାଶ୍ :- କଏ କୁନ ? କଣ ହୋଇଛ ? କେମିତ ହେଲା ?

କୁନ (ଅବନାଶର ଭଉଣୀ ) :- ହଁ , ବାପାମା'ଙ୍କ ଗାଡ଼ି ଧକ୍କା ହୋଇ ଯାଇଛ । ସେମାନେ ଏବେ ହସ୍ପିଟାଲରେ । ମୁଁ ଖବର ପାଇ କ ଏବେ ଆସିକ ପହଞ୍ଚିଲ । ଇଏ ବ ଆସିଛନ୍ତି । ଆମେ ହସ୍ପିଟାଲରେ ଅଛୁ । ତୁ ଜଲ୍ଦ ଆ ।

ଅବନାଶ୍ :- କେମିତ ହେଲା କଛ ଜାଣିଚୁ ? ତୁ ବ୍ୟସ୍ତ ହ ନା । ମୁଁ ଏବେ ଫ୍ଲାଇଟରେ ଟିକେଟ୍ କର ବାହାରୁଚ ।

କୁନ :- ବାପାମା ସୁଦପ୍ତା ମାଉସୀଙ୍କ ଘରୁ ଡିନର୍ ସାରକ ଫେରୁଥିଲେ । ବାଟରେ ଏକ୍ସିଡ଼େଣ୍ଟ ହେଇଗଲା ।

ଅବନାଶ୍ :- ହଉ ହଉ, ତୁ ଜମାରୁ ବ୍ୟସ୍ତ ହ ନା । ମୁଁ ୨-୪ ଘଣ୍ଟାରେ ଯାଇ କ ପହଞ୍ଚୁଛ ।

କୁନଠାରୁ ଖବର ପାଇ ସୁଦପ୍ତା ମାଉସୀ ହସ୍ପିଟାଲରେ ପହଞ୍ଚିଲେ । କଛ ସମୟ ପରେ ଡା ଅବନାଶ ବ ପହଞ୍ଚିଲେ । ଡା ଅବନାଶ ଯାଇ ଡାକ୍ତର ମାନଙ୍କସହ କଥା ହେଉଥାନ୍ତି ।

ଡାକ୍ତର:- ଡା ଅବନାଶ ପେସେଣ୍ଟ ଦୁଇ ଜଣକ ପାଇଁ ରକ୍ତ ଦରକାର ।

ଅବନାଶ୍ :- ଠିକ୍ ଅଛ, ବ୍ଲଡ଼ବ୍ୟାଙ୍କରୁ ରକ୍ତ ମିଳପାରବ ତ ?

ଡାକ୍ତର:- ହଁ, କନ୍ତୁ ଯଦ ନ ମିଳଲା ତେବେ ଆପଣଙ୍କୁ ବାହାରୁ ଆଣିବାକୁ ପଡିବ । ଏହା ନତାନ୍ତ ଜରୁରୀ ।

ଡା ଅବନାଶ ରକ୍ତ ଆଣିବାପାଇଁ ଗ୍ୱକର ମକରନ୍ଦକୁ ଡ୍ରାଇଭର ସହ ପଠାଇଲେ ।

କୁନ:- କଣ ହେଲା ଭାଇ ? ବାପାମା' ଭଲ ଅଛନ୍ତ ତ ?

ଡା ଅବନାଶ :- ହଁ, କନ୍ତୁ ରକ୍ତ ଦରକାର । ଯଦ ବ୍ଲଡ଼ବ୍ୟାଙ୍କରେ ନ ମିଳେ, ତେବେ ଆମକୁ ବାହାରୁ ଆଣିବାକୁ ପଡ଼ିବ ।

କୁନ:- ଆମେ ବ ତ ଦେଇ ପାରବା ?

ଡା ଅବନାଶ :- ଆରେ ହଁ ତ ? ଗ୍ୱଲ ..

ଅବନାଶ ଆଉ କୁନ ରକ୍ତ ପରକ୍ଷା କରବାକୁ ଗଲେ । କନ୍ତୁ ଭାଇ ଓ ଭଉଣୀଙ୍କ ରକ୍ତ, ବାପାମା'ଙ୍କ କାହା ସହ ବ ମେଳ ଖାଇଲା ନାହିଁ ।





ଡାକ୍ତର:- ଡା ଅବନାଶ ରକ୍ତ ଆସିଗଲା ?

ଡା ଅବନାଶ :- ହଁ ଡ଼ାକ୍ତର । ମକର୍ ରକ୍ତ ନେଇ କ ଆସୁଛ ।

କଛ ସମୟ ପରେ ମକର୍ ରକ୍ତ ଆଣିକ ପହଞ୍ଚଲା ଆଉ ବାପା ମା'ଙ୍କୁ ରକ୍ତ ଦଆଗଲା ।

କୁନ ଓ ଅବନାଶ ରୁମ୍ ବାହାରେ ବସିଥାନ୍ତ । ହଠାତ ଡା ଅବନାଶଙ୍କର ମନେପଡ଼ଲା ଯେ କୁନ ଓ ତାଙ୍କର, କାହାର ବ ରକ୍ତ ବାପାମା'ଙ୍କ ସହ ମଶିଲା ନାହିଁ ।

ଅବନାଶ :- ଆଛା କୁନ, ମୋ ରକ୍ତ କ ତୋ ରକ୍ତ, ବାପାମା'ଙ୍କ ସହ ମଶିଲା ନାହିଁ କାହିଁକ ?

କୁନ:- ମୁଁ କେମିତ ଜାଣିବ ? ତୁ ପରା ଡାକ୍ତର, ତୁ ଜାଣିଥିବୁ ।

ଡାକ୍ତର ଆଉ ନର୍ସ ଅପରେସନ୍ ଥିଏଟରରୁ ବାହାରଲେ ।

ଅବନାଶ୍ :- ଡାକ୍ତର ??

ଡାକ୍ତର:- ଦୁଇ ଜଣଯାକ ପେସେଣ୍ଟ ଭଲଅଛନ୍ତ, କନ୍ତୁ ଆମକୁ ୪୮ ଘଣ୍ଟା ସମୟ ଦରକାର । ତା'ପରେ କଛ ଅସୁବଧା ନାହିଁ ।

ଅବନାଶ୍ :- ଧନ୍ୟବାଦ୍ ଡାକ୍ତର ।

ରାତରେ ସୁଦପ୍ତା ମାଉସୀ ଓ କୁନ ହସ୍ପିଟାଲରେ ରହଲେ । ଅବନାଶ ଆଉ କୁନର ପତ, ଘରକୁ ଆସିଲେ । ଅବନାଶ ସୋଫାରେ ବସି ଭାବବାକୁ ଲାଗିଲେ ।

ଅସମ୍ଭବ !!, ମେଡ଼ିକାଲ ସାଇନ୍‌ସ ଭୁଲ ନ ହୋଇପାରେ । ବାପାମା'ଙ୍କ ରକ୍ତ କେମିତ ଆମ ରକ୍ତ ସହ ମିଶିବନ ? ଆମେ କଣ ତା'ଙ୍କ ଛୁଆ ନୁହଁ ? ସେମାନେ କଣ ଆମକୁ କେଉଁଠୁ ନେଇ କ ଆସିଛନ୍ତ ? ଡା ଅବନାଶଙ୍କ ମୁଣ୍ଡ ଖରାପ ହୋଇଯାଉଥିଲା । ସେ କଛ ଭାବ ପାରୁ ନଥିଲେ ।

କୁନର ପତ :- ଭାଇ, ଆସନ୍ତୁ କଛ ଖାଇନେବେ । ମୁଁ ହୋଟେଲରୁ ଖାଇବା ନେଇ ଆସିଛ । କୁନ ଆଉ ମାଉସୀଙ୍କ ପାଇଁ ବ ମକର୍ ହାତରେ ଖାଇବା ପଠେଇ ଦେଇଛ ।

ଅବନାଶ :- ଆଛା କହଲ, ଏହା କଣ ସମ୍ଭବ ? ଆମ ଦ'ଜଣଙ୍କ ରକ୍ତ ସେମାନଙ୍କ ସହ କେମିତ ସମାନ ହେବନାହିଁ ? ତା'ମାନେ କଣ ଅମେ ଦ ଜଣ ଯାକ ତାଙ୍କ ସନ୍ତାନ ନୁହେଁ ?

କୁନର ପତ :- ଆପଣ ଏବେ ସେକଥା ଚନ୍ତା କରନ୍ତୁ ନାହିଁ । ସେମାନେ ଭଲ ହେଲା ପରେ, ସେମାନଙ୍କୁ ପଚାରବେ ।

ଅବନାଶ :- ନାଁ, ମୋତେ ଏବେ ସବୁ ଜାଣିବାକୁ ପଡ଼ିବ । କଛ ଗୋଟେ ତ ଅଛ ୟା ଭତରେ ।

ଅବନାଶ କାର ଧର ହସ୍ପିଟାଲକୁ ବାହାର ଗଲେ ...

ହସ୍ପିଟାଲ ....କୁନ ଓ ସୁଦପ୍ତା ମାଉସୀ ହସ୍ପିଟାଲରେ ବସିଥାନ୍ତ । ମକର୍ ଖାଇବା ଧର ପହଞ୍ଚଲା ।

ମକର୍ :- ମାଉସୀ, କୁନ ଅପା, ଆସ ଖାଇନବ । ମୁଁ ବାଢ଼ି ଦେଉଛ ।

ସୁଦପ୍ତା :- ନାଁ, ମୋତେ ଭୋକ ନାହିଁ ।

ହଠାତ୍ ଅବନାଶଙ୍କୁ ହସ୍ପିଟାଲରେ ଦେଖି ,

କୁନ :- ଭାଇ, କଣ ହେଲା ? ତୁ କଣ ଘରକୁ ଯାଇନୁ ?

ଅବନାଶ :- ହଁ ଯାଇଥିଲ, କନ୍ତୁ ଫେର ଆସିଲ ।

କୁନ :- କଣ ପାଇଁ, କଣ ହେଲା ?

ଅବନାଶ :- କୁନ, ତୋ ରକ୍ତ କ ମୋ ରକ୍ତ, ମା କ ବାପା କାହା ସହ ବ ମେଳ ଖାଉନ । କାହିଁକ ? ଆମେ କଣ ସେମାନଙ୍କ ପିଲା ନୁହଁ ? ସେମାନେ କଣ ଆମକୁ କେଉଁଠୁ ନେଇ କ ଆସିଛନ୍ତ ? ଆମେ କଣ ଅନାଥ ?

ସୁଦପ୍ତା :- ନାଁ, ତମେ ମାନେ ଅନାଥ ନୁହଁ । ତମେ ମାନେ ତାଙ୍କ ପୁଅ ଝିଅ । ତାଙ୍କ ଜୀବନ ।

ଅବନାଶ :- ଅସମ୍ଭବ ମାଉସୀ । ତେବେ ରକ୍ତ କାହିଁକ ମିଶୁନ ? ସେମାନେ ନଶ୍ଚୟ ଠକ । ମେଡ଼ିକାଲ ସାଇନ୍ସ କେବେବ ଭୁଲ ହୋଇ ନପାରେ । ସେମାନେ ଆମକୁ କଛ ଲୁଗ୍ଇଛନ୍ତ । ଆମ ବାପାମା'ଙ୍କ ପାଖରୁ ଦୂରେଇ ରଖିଛନ୍ତ । ଆମେ ସେ ମାନଙ୍କୁ କ୍ଷମା କର ପାରବୁନ । ସେମାନେ ଠକ !! ଠକ !! ଠକ !!

ସୁଦପ୍ତା :- ହଁ ସେମାନେ ଠକ । କନ୍ତୁ ନଜେ ନଜକୁ ଠକଛନ୍ତ । ତୁମ ମାନଙ୍କୁ ନୁହଁ । ମୁଁ ସେମାନଙ୍କୁ ସେବେଠୁ ଜାଣିଛ, ଯେବେ ସେମାନେ ପଢ଼ାସାର କ ଗୃକରୀ ଖୋଜବାକୁ ଦଲୀ ଆସିଥିଲେ । ତୋ ମା ଆଉ ମୋର ଦେଖା ଗୋଟେ କୋଚଂ ସେଣ୍ଟରର । ଆମେ ଏକାଠି କୋଚଂ ନେଉଥିଲୁ । କଛଦନ ପରେ ମୁଁ ଜାଣିଲ ଯେ ତୋ ମା ଗୋଟେ ପିଲାକୁ ଭଲ ପାଏ । ତାପରେ କଛ ଦନ ପରେ ତୋ ବାପାଙ୍କ ସହ ଦେଖା ହେଲା । ସେବେଠୁ ଆମେ ସମସ୍ତେ ସାଙ୍ଗ ହେଇ କ ଅଛୁ । ସେଠାରେ ଦନ ଗୁଡ଼ା କେମିତ ବତ ଯାଉଥିଲେ ଜଣା ପଡୁନଥିଲା । ସେତେବେଳେ ଆମେ ସାଙ୍ଗମାନେ ଜାଣିଲୁ ଯେ ତୋ ମା ଆଉ ବାପା ଗ୍ରେଟ ବେଲୁ ଦ ଜଣ ଦ ଜଣଙ୍କୁ ଭଲପାଆନ୍ତ ।

କଛ ଦନ ପରେ ତୋ ମାଙ୍କୁ ଗୃକରୀ ମିଳଗଲା ଦଲ୍ଲୀରେ ଆଉ କଛଦନ ପରେ ତୋ ବାପାଙ୍କୁ ଗୃକରୀ ମିଳଲା ଧାମରାରେ । ତୋ ବାପା ଆଉ ମା' ଅଲଗା ହୋଇଗଲେ । କନ୍ତୁ କେବେବ ଦୁଇ ଜଣଙ୍କ ଭତରେ ଭଲ ପାଇବା କମ ହୋଇନ । ଦଲ୍ଲୀରେ ରହ ତୋ ମା ତାଙ୍କ ଘରଲୋକଙ୍କୁ ଆଉ ତୋ ବାପା ତାଙ୍କ ଘରଲୋକଙ୍କୁ ସାହାଯ୍ୟ କରୁଥିଲେ । କଛଦନ ପରେ ସେମାନେ ନଷ୍ପତ ନେଲେ ସେମାନେ ବାହା ହେବେନ କନ୍ତୁ ଏକାଠି ରହବେ ଯେତେବେଳେ ଦୁଇଜଣଙ୍କ ଗାଁ ଲୋକ ଏମାନଙ୍କ ବାହାଘରକୁ ବରୋଧ କଲେ । ତମେମାନେ ଜାଣିନ, ସେମାନେ ଆଜ ଯାଏ ବାହା ହୋଇ ନାହାନ୍ତ । ତ ତୁମେମାନେ କେମିତ ଜନ୍ମ ହେବ ଆଉ ତମ ମାନଙ୍କ ସହ ସେମାନଙ୍କ ରକ୍ତ କେମିତ ମିଶିବ ?

ଅବନାଶ ଓ କୁନ ଏକସ୍ୱରରେ :- କଣ ? ସେମାନେ ବାହା ହୋଇ ନାହାନ୍ତ ?

ଅବନାଶ :- ତେବେ ଦାଣ୍ଡ ଘରେ ଯେଉଁ ଫୋଟୋଟା ଅଛ ସେ କାହାର ?

ସୁଦପ୍ତା :- ସେଟା ସେମିତ କରଯାଇଛ । ତୁମେ ମାନେ କେବେ ଭାବବନାହିଁ ଯେ ସେମାନେ ବାହା ହୋଇନାହାନ୍ତ ।

କୁନ :- ଆଉ ଆମେ ?

ସୁଦପ୍ତା :- ଏକଥା ସେମାନେ ତମକୁ ଜଣାଇ ନାହାନ୍ତ । ଆଜ ସେମାନଙ୍କୁ ଠକ ବୋଲ କହଲା ପରେ ମୁଁ ସହ ପାରଲ ନାହିଁ । ସେଥିପାଇଁ କହଦେଲ ।

ଅବନାଶ :- ମାଉସୀ ଆମେ କାହାର ପୁଅ ଝିଅ ? ଦୟା କର ଆମକୁ କୁହ ।

ସୁଦପ୍ତା:- ତମେମାନେ ? ମୁଁ ସବୁବେଳେ ସେମାନଙ୍କୁ କହେ ଯେ 'ତୁମେ ତ ଏକାଠି ରହଲ । ବାହା ନହେଲେ ନାହିଁ ଗୋଟେ ଛୁଆ ଜନ୍ମ କର' ,କନ୍ତ ସେମାନେ ସବୁବେଳେ ମୋ କଥାକୁ ଟାଳ ଦଅନ୍ତ । ସେତେବେଳେ ମୁଁ ଚେନ୍ନାଇରେ ଚାକରୀ କରୁଥାଏ । ସେମାନେ ମୋ ପାଖକୁ ବୁଲବାକୁ ଆସିଥାନ୍ତ । ତା'ପରେ ଆମେ ସବୁ କେରଳ ବୁଲବାକୁ ଗଲୁ । ତୋ ବାପା ମା ସକାଳୁ ପ୍ରାତଃଭ୍ରମଣରେ ଯାଇଥାନ୍ତ । ସେମାନେ ସକାଳୁ ସକାଳୁ ହୋଟେଲରୁ ବାହାର ଗଲେ । ବାଟରେ ହସ୍ପିଟାଲ ପଡ଼େ । ହସ୍ପିଟାଲ୍ ବାହାରେ ଗୋଟେ ଦୁଇ ମାସର ପିଲା ତା ମଲା ମା ପାଖରେ ପଡ଼ି କାନ୍ଦୁଥାଏ । ସବୁ ଲୋକ ଦେଖୁଥାନ୍ତ କନ୍ତ କେହ କଛ କରୁନଥାନ୍ତ । ଏମାନେ ବୁଲ କ ଫେରଲା ବେଳକୁ ଏଇ ଘଟଣା ଦେଖିଲେ ଓ ଆଖ ପାଖ ଲୋକଙ୍କୁ ପଚାର କ ଜାଣିଲେ ଯେ, ସେ ମହଳା ଗୋଟେ ପାଗଳ । ବରଷେ, ଦେଢ ବର୍ଷ ପୂର୍ବରୁ ସେ ଏଠାରେ ବୁଲବୁଲ କରୁଥିଲା । କଛ ଅସାମାଜକ ଯୁବକଙ୍କ ଦୁଷ୍କର୍ମର ଶୀକାର ହେବାପରେ ସେ କୁଆଡ଼େ ଚାଲଗଲା ଆଉ ଏବେ ତନ ମାସ ପୁର୍ବରୁ ଏଠିକ ଆସିଥିଲା । କଛ ଦନ ପୂର୍ବରୁ ହସ୍ପିଟାଲରେ ଗୋଟେ ପୁଅ ଜନ୍ମ କଲା । କଛଦନ ଏଠି ସେଠି ବୁଲବା ପରେ ଖାଇବା ଓ ଔଷଧ ନପାଇ ଆଜ ସକାଳେ ମରଗଲା । ତୋ ବାପା ଆଉ ମା ପାଗଳର ଦାହ ସଂସ୍କାର ସାର ସଂଧାରେ ଫେରଲେ ଓ ତୋତେ ମୋ ହାତକୁ ବଢ଼େଇ ଦେଇ କହଲେ, 'ଇଏ ଆମ ପୁଅ । ସବୁବେଳେ କହୁଥିଲୁ ନା -ଛୁଆ ଜନ୍ମ କର ବୋଲ' ।

ସୁଦପ୍ତା କଛ ସମୟ ଚୁପ୍ ରହଲେ । କୁନ ଆଖିରୁ ଲୁହ ପୋଛ ପଚାରଲା ଆଉ ମୁଁ ?

ସୁଦପ୍ତା :- ତୋ ବାପା ଯେଉଁ କମ୍ପାନୀରେ ଚାକରୀ କରୁଥିଲେ, ସେଠାରୁ ଘର ବାର କଲୋମିଟର ଦୁର । ସେ ସବୁଦନ ୧୦ଟା ରେ ଯାଇ ୭.୩୦ରେ ଘରକୁ ଆସନ୍ତ । ସେଦନ ବହୁତ କାମ ଥାଏ । ତାଙ୍କର ଫେରବାରେ ବଳମ୍ବ ହେଲା । କଛ କାମ ସାର କ ଆସିବାକୁ ଥିଲା । ବାଟରେ ଗୋଟେ ନଛୁଟିଆ ଯାଗା ପଡ଼େ । ସେ ତରତରରେ ଆସୁ ଆସୁ ଗୋଟେ କଅଁଳ ଛୁଆର କାନ୍ଦ ଶୁଭଲା । ତୋ ବାପା ଗାଡ଼ିରଖି ଆଗକୁ ଗଲେ । ମୋବାଇଲ ଲାଇଟରେ ଦେଖିବା ବେଳକୁ ଗୋଟେ କଅଁଳ ଛୁଆ ଗୋଟେ ଛଡ଼ା ଚାଦର ଘୋଡ଼ି ହୋଇଛ ଆଉ ତା ଚାରପଟେ ପିମ୍ପୁଡ଼ି ବେଢ଼ି

ନବମ ବର୍ଷ, ଷଷ୍ଠ ସଂଖ୍ୟା
ଡିସେମ୍ବର ୨୦୧୪



ଆହ୍ୱାନ ଓଡ଼ିଆ ପରିବାର



ଗଲେଣି । ସେ ଗହାଧରି କାନ୍ଦୁଥାଏ । ତୋ ବାପା ତାକୁ କୋଳକୁ ନେଇ ବୋତଲରୁ ପାଣି ପିଆଇଲେ ଓ କିଛି ସମୟ ଅପେକ୍ଷା କଲେ । ଅଧଘଣ୍ଟା ଯାଏଁ କେହି ନ ଆସିବାରୁ ସେ ପିଲାକୁ ନେଇ ଘରକୁ ଆସିଲେ । ଆଉ ତୋ ମା' ବି ତାକୁ ଦେଖି ବହୁତ ଖୁସି । ଗୋଟେ ପୁଅ ଥିଲା ଏବେ ଗୋଟେ ଝିଅ ଆସିଗଲା । ମୋତେ ଫୋନ୍ କରି ଦୁଇ ଜଣ ଯାକ କହିଲେ ଆମେ ବାହା ନହେଲୁ ନାହିଁ କିନ୍ତୁ ଦୁଇ ଦୁଇଟା ପିଲାଙ୍କର ବାପାମା । ଏବେ କହ କିଏ କହୁଛୁ ? ମୁଁ ସେଦିନ ସେମାନଙ୍କୁ କିଛି କହି ପାରି ନଥିଲି । ସେମାନଙ୍କ ତ୍ୟାଗ ଆଗରେ ମୁଣ୍ଡ ନୁଆଇଁ ଦେଇଥିଲି ।

ଅବିନାଶ :- କିନ୍ତୁ ମାଉସୀ, ସେମାନେ ବାହା କିଏ ପାଇଁ ହେଇନଥିଲେ ?

ସୁଦୀପ୍ତା ପୁଣି କହିବାକୁ ଆରମ୍ଭ କଲେ । ତୋ ବାପା ଆଉ ମା ବିଷୟରେ ତୋ ମା'ର ଘର ଲୋକ ସମସ୍ତେ ଜାଣିଥିଲେ । କିନ୍ତୁ ତୋ ବାପା ତାଙ୍କ ଘରେ କିଛି ଜଣାଇ ନଥିଲେ । ସେ ଅପେକ୍ଷା କରିଥିଲେ ଯେ ସମୟ ଆସିଲେ କହିବେ । କାରଣ ତୋ ମା ଆଉ ବାପାଙ୍କର ଜାତି ଅଲଗା । ତୋ ବାପା ଗୌଡ଼ ଆଉ ମା କୁମ୍ଭାର । ସେମାନେ ଗୋଟେ ଗାଁର । ଗାଁ ଲୋକ ସେମାନଙ୍କ ବାହାଘରକୁ ବିରୋଧ କରିବେ । ଏ ବିଷୟକୁ ନେଇ କି ସେ ଗାଁରେ ଅଶାନ୍ତି ଚାହୁଁ ନ ଥିଲେ । କିଛିଦିନ ପରେ ତୋ ବାପା ତାଙ୍କ ଘରେ ଏକଥା କହିଲେ କିନ୍ତୁ ତୋ ମାବାପାଙ୍କର ଘର ଲୋକ ଏହାକୁ ବିରୋଧ କଲେ । ସେମାନେ ବାହାଘର ପାଇଁ ଅନୁମତି ଦେଲେ ନାହିଁ । ଗାଁରେ ବି ଏଇ ବିଷୟକୁ ନେଇ ବହୁତ ପାଟିତୁଣ୍ଡ ହେଲା ଆଉ ଗାଁ ବାଲା ମନା କଲେ ଏମାନଙ୍କୁ ଗାଁକୁ ଆସିବାକୁ । ଘରଲୋକ ବି ବାହାଘର ପାଇଁ ଅନୁମତି ଦେଲେନାହିଁ । ସେଇଠାରୁ ତୋ ବାପା ନିଷ୍ପତ୍ତି ନେଲେ ଯେ ଯଦି ବାହା ହେବେ, ତେବେ ତୋ ମା'କୁ ଆଉ ବାପାମାଙ୍କ ଅନୁମତି ମିଳିଲେ ନହେଲେ ତୋ ଜେଜେବାପା, ଜେଜେମା ଆଉ ଅଜା, ଆଈ ବଞ୍ଚିଥିବା ଯାଏଁ ବାହା ହେବେ ନାହିଁ । ତୋ ମା'ବି ଏଇ କଥାକୁ ମାନିନେଲା । ଆଉ ସେମାନେ ଆଜି ଯାଏ ବାହା ହେଇ ନାହାନ୍ତି । ଏପରିକି ତୋ ଜେଜେବାପା, ଜେଜେମା ଆଉ ଅଜାଆଈ ସମସ୍ତେ ଚାଲିଗଲା ପରେ ବି । ଆଉ ତୁମ ଦୁଇ ଜଣଙ୍କୁ ପାଇଲା ପରେ ସେମାନେ ସବୁ ଭୁଲି ଗଲେ । ତୋ ବାପାମା ସବୁବେଳେ ଚାହୁଁଥିଲେ ତୋତେ ଡାକ୍ତର କରିବା ପାଇଁ କାରଣ ତୋ ନିଜ ମା (ପାଗଳୀ)ର ମୃତ୍ୟୁ ଖରାପ ଖାଇବା ଆଉ ଔଷଧ ଅଭାବରୁ ହୋଇଥିଲା ।

ସୁଦୀପ୍ତା ଏତିକି କହି ଚୁପ୍ ରହିଲେ । ଆଉ ତିନି ଜଣ ଯାକ, କେହି କାହାକୁ କିଛି ନକହି ନିରବରେ ଲୁହ ପୋଛୁଥିଲେ ।

ତିନି ମାସ ପରେ...

ଘର ଆଗରେ ଲେଖା ଥିଲା 'ବାପା ସହିତ ମାମା'ର ବାହାଘର ।







# ତୁମ ପାଇଁ କଛି...



ସ୍ୱରୂପ କୁମାର ମଲ୍ଲ

ତୁମେ ଅଟ  ଏକ ମରୁ ମରିଚିକା,

ତମ ବିନା ବଞ୍ଚିଛି ମୁଁ ଏକା ଏକା,

ତମ ଆଗେ ଜୀବନ ଲାଗେ ଫିକା,

ମନେ ପଡେ ଆମ ପ୍ରଥମ ଦେଖା,

ତମେ ଚାଲିଗଲ ତମ ରାଇଜକୁ,

ଚାହିଁଆଛି ତମ ଫେରିବା ବାଟକୁ,

ଦିନ ପରେ ଦିନ ବିତି ଚାଲିଅଛି,

ତମ କଥା ଆଜି  ଅତିତ ହୋଇଛି,

ଭାବେ ଯେବେ ତୁମ କଥା ନିରୋଳାରେ,

ଛାତି ମୋର ଜଳିଯାଏ ଯନ୍ତ୍ରଣାରେ,

ବନ୍ଦ କରେ ମୁଁ ପୀଡ଼ାଦାୟୀ ଅତୀତ,

ଏଇ ତ ଅଟେ ମୋ ଜୀବନର ଗୀତ..................

# ଭାର୍ଗବୀର ସ୍ରୋତରେ...



ଶ୍ରୀସୂର୍ଯ୍ୟକାନ୍ତ ଦାଶ

ଗୁରୁଆଡେ ଶୀତର ଲହରୀ
ସବୁବର୍ଷ ପର କାର୍ତ୍ତିକ ପୂର୍ଣ୍ଣମୀ
କଛି କଛି ସ୍ମୃତ କଛି ଅନୁଭୁତ
ତୁମେ ଆଉ ତୁମ ହାତ ତଆର
କଦଳୀ ପାଖୁଡାର  ଡଙ୍ଗା ...
ଆଜ ତୁମେ ଭାର ମନେ ପଡୁଛ
ଉଠେଇବା  ବାହାନାରେ
ମୋ ହୃଦୟର ଚୀର କନ୍ଦରରୁ
ପୁଣି ସେହ ପୁରୁଣା କ୍ଷତକୁ ଉଖାରୁଛ
ବାସ୍ତବରେ ନ-ହେଲେବ
ସ୍ୱପ୍ନରେ ଭେଟୁଛ ...
ସାଥୀ ତୁମେ ଆଉ ତୁମ ଅପରୁପ
ସୁନ୍ଦର ଆଉ ତାଠୁ ସୁନ୍ଦର
ସୁନ୍ଦର ତୁମ ହାତର ସ୍ପର୍ଶ
ଭାଙ୍ଗିଯାଏ ନଦ ...
ହାତ ଧର ନେଇଯାଅ ତୁମେ
ମୋ ବଦଗ୍ଧ ଅନୁଭବ ତୁମ ପରଶରେ
ଆମ ଗାଁ ନଦୀ ପଠା ଧାରେ
ଭସେଇବା ପାଇଁ ଡଙ୍ଗା ବାହାନାରେ
ତୁମେ ପୁଣ୍ୟ କର କ ନାହିଁ ଜାଣେନା
ମୁଁ କନ୍ତୁ ପୁଣ୍ୟ କରେ ଦେଖି ତୁମ
ଅର୍ଧ ନଗ୍ନ ନାରୀର ପ୍ରତମା ...
ନୁଆ ଜହ୍ନ ପର ଝଟକୁଥାଅ ତୁମେ
ମୋ ମନରେ ଆଙ୍କୁଥାଅ ନୁଆ ଚତ୍ରପଟ
ତୁମ ଭାବଭଂଗୀ ଆଉ ଆଖିର ଇଂଗିତ





ସାଇତ ରଖିଛ ତୁମ ଅଲକ୍ଷରେ

ମୋ ସତ୍ତାକୁ କର ଭବମୟ

ଭବରେ ମୁଁ ଭସଉଛ ତୁମ ପାଇଁ

ଆଜର ଏ ଡଙ୍ଗାରେ ପାନ ଗୁଆ ଥୋଇ

କାଳେ ତୁମ ପାଖେ ପହଞ୍ଚେଇ ଦେବ

ତୁମ ଦେହ ଧୋଉଥିବା ଚର ନଦୀ ସ୍ରୋତ

ମୋ ପାଖେ ଆଜ ବୋହୁଥିବା

ଭର୍ଗବୀର ସ୍ରୋତ ...

# ଦୁଇଟି କ୍ଷୁଦ୍ର କବିତା



ଅନୁପମ ବେହେରା

## ଭୁଲି ହେଉନି

ଅନେକ କଥା ମୋ ମନେ ରହିଗଲା,
କହି ହେଲାନି ।
ସେ ମୋ ଠୁ ଦୂରକୁ ଚାଲିଗଲା,
ଆଉ ଫେରିଲାନି ।
ସେ ଦେଇଥିବା ଗୋଲାପ ଫୁଲଟି ମଉଳିଗଲାଣି,
ଫିଙ୍ଗି ହେଉନି ।
ସେ କହିଥିବା ପ୍ରତିଟି କଥା ମନେ ପଡୁଛି,
ଭୁଲି ହେଉନି ।
ସେ ଦେଇଥିବା ପ୍ରତିଟି ଚିଠି ଏବେ ବି ପାଖରେ ଅଛି,
ଚିରି ହେଉନି ।
ରହି ଯାଇଛି ମୋ ହୃଦୟରେ ତା'କୁ,
କାଢି ହେଉନି ।
ଯେତେ ଚେଷ୍ଟା କଲେ ବି ସେ ମନେ ପଡୁଛି,
ଭୁଲି ହେଉନି ॥

## ଏ ପ୍ରେମ

ଲୁହ ହୋଇ ଆଖିରୁ ଝରେ ଏ ପ୍ରେମ,
ଯଦି କେବେ ହୁଏ ଛଳନା ।
ହସ ହୋଇ ପୁଣି ଓଠରୁ ଝରେ,
ଯଦି ଇଏ ହୁଏ ଭାବନା ॥ ୧
ତନୁମନେ ଖେଳାଏ ଶିହରଣ,
ଯଦି କେବେ ହୁଏ ମଳୟ ପବନ ।
ମନରେ ଉନ୍ମାଦ ଭରିଦିଏ ଇଏ,
ଯଦି କେବେ ହୁଏ ପୁନେଇଁ ଜହ୍ନ ॥ ୨
ନିଆଁ ହୋଇ ପୁଣି ଜାଳି ମାରିଦିଏ,
ଯଦି କେବେ ହୁଏ ପ୍ରତାରଣା ।
ଲାଜରେ ମୁହଁ ପୋତି ହୋଇଯାଏ,
ଯଦି କେହି କରେ ତା'କୁ ସାମ୍ନା ॥ ୩








# ପ୍ରଣୟର ସ୍ମୃତି...



ଜଗନ୍ନାଥ ରାୟ

ତୁମେ ଆସି ଫେରଗଲ
ସମ୍ପର୍କରେ ସ୍ମୃତରେଖା ବାନ୍ଧି,
ଗ୍ଲଲଗଲ କେଉଁ ଏକ ଅଜ୍ଞାତ ଇଲାକାରେ
କେତେ ବୁଝିଲ ଅବା ନ ବୁଝିଲ,
ସମ୍ପର୍କର ଜ୍ଞାତ କନ୍ତୁ ସାଇତ ରହଲ୍ ମୋ ହୃଦୟରେ ।
ହସିଲ, ଖେଳଲ ନୂଆ ଏକ ପ୍ରେମର ପିରତ ବାନ୍ଧିଲ
ମନକୁ ମନରେ ଛନ୍ଦି ହୃଦୟରେ କବତା ଲେଖିଲ;
ଅମାନଆ ରଗିଣୀ ତ ପୁଣି କେବେ,
ନର୍ଜନ ଇଲାକାର ଅଚହ୍ନା ମୃଗାକ୍ଷୀ ସାଜ
ଫେରଗଲ ତୁମେ ଆମ ସମ୍ପର୍କରେ ମୋତେ ଏକା କର;
କାହିଁ କେତେ ଦୂର ଜାଣେନା ମୁଁ,
କଛ ଭୁଲ୍ ଅବା କଛ ସମ୍ପର୍କରେ ତକ୍ତତା
ଅବା ପ୍ରେମର ପରଧିରେ ସ୍ୱଳ୍ପ ବାସ୍ତବତା ।
ମୁଁ ତ ଏକାନ୍ତ ନାୟକ,
ତୁମ ପ୍ରୀତ ଅନ୍ତରଲେ ସ୍ତବ୍ଧ ବାରମାସୀ ପାଗଳ ଭ୍ରମର
ସମ୍ପର୍କର ସୀମା ତଳେ ତୁମ ପାଇଁ ମୁଁ ନହତ ପ୍ରେମିକ ।
ଜାଣିଛ ତୁମ ପୁନଶ୍ଚ ଫେରବାର ବାଟ ବନ୍ଦ
ପଛକୁ ଫେରବାର ଚଞ୍ଚଳ ପାଦ ଦୁଇଟି
ଏବେ ସେହ ଅଜ୍ଞାତ ଇଲାକାରେ...
ଗ୍ହହିଁଲେ ବ ବାଷ୍ପ ହୋଇ ଉଡି ଆସିପାରବନ,
କମ୍ବା ଶବ୍ଦ ହୋଇ ଶୁଣିପାରବନ ।
ମୁକୁଳ ପାରବନ ସେହ ନଷିଦ୍ଧ ସୀମା ଭତରୁ; କନ୍ତୁ ,
ମୁଁ କନ୍ତୁ ହାରଯାଇନ, ଯାହା ତୁମେ ଭାବ ।
ମୁଁ ତ ମିଶି ଯାଇଛ ତୁମ ସହ
ଅନ୍ଧାରରେ, ଆଲୁଅରେ
ଲୁହରେ, ଲୁହରେ
ପିଇ ଯାଇଛ ତୁମକୁ ପ୍ରତ ପ୍ରଶ୍ୱାସରେ।

ନବମ ବର୍ଷ, ଷଷ୍ଠ ସଂଖ୍ୟା
ଡିସେମ୍ବର ୨୦୧୪



ଆହ୍ୱାନ ଓଡ଼ିଆ ପରବାର



# ଅସୀମ ବନ୍ଧନ



ଶ୍ରୀମତ ସରତା ପଣ୍ଡା

କହନ୍ତି ବ୍ରହ୍ମାଣ୍ଡରେ ସବୁଠୁ ଶକ୍ତିଶାଳୀ ହେଉଛି ପ୍ରେମ । ଏହି ପ୍ରେମରେ ଏତେ ଶକ୍ତି ଥାଏ ଯେ ଏହାକୁ ଆପଣେଇ ଦୁନିଆରେ ସବୁକିଛି କରିହୁଏ ଏବଂ ମନୁଷ୍ୟ ବଞ୍ଚିବାର ସୁପଥ ପାଇଥାଏ । ଏହି ପ୍ରେମ ପଥରକୁ ମଣିଷ କରିଦେଇ ଏବଂ ମଣିଷକୁ ଏକ ବନ୍ଧନରେ ବାନ୍ଧିଦିଏ ।

କିନ୍ତୁ ପ୍ରଶ୍ନ ଉଠେ ଯେ, ଏହି ପ୍ରେମ କଣ ? ଏହା କିପରି ହୁଏ ? ଏବଂ ଏହାର ପରିଣତି କଣ ହୋଇପାରେ ?

ଏହି ପ୍ରଶ୍ନ ଗୁଡ଼ିକର ଯଥାର୍ଥ ଉତ୍ତର ଦେବାର ପ୍ରଚେଷ୍ଟାରେ ଆମର ଏହି କାହାଣୀ, 'ଅସୀମ ବନ୍ଧନ' ।

ଲକ୍ଷ୍ନୌରେ ଥିବା ଆଦିତ୍ୟ ଇଣ୍ଟରନ୍ୟାସନାଲ ଲିମିଟେଡ୍ କମ୍ପାନୀର ମେନେଜିଂ ଡିରେକ୍ଟର ୩୦ ବର୍ଷିୟ ଆଦିତ୍ୟ ଧନରାଜ, ପିତା ମୁରଲିଧର ଧନରାଜ ଓ ମାତା ସୋନାଲୀ ଧନରାଜଙ୍କର ଏକମାତ୍ର ସନ୍ତାନ । ମୁରଲୀଧର ଦିନରାତି କମ୍ପାନୀ କାମରେ ବ୍ୟସ୍ତ, କେବଳ ଗୋଟିଏ ଚିନ୍ତା, ତାଙ୍କର ସଂସ୍ଥା କିପରି ଉନ୍ନତି କରିବ । ସୋନାଲୀଙ୍କର ଦିନ ବିତିଯାଏ କ୍ଲବ୍ ଆଟେଣ୍ଡ୍ କରିବାରେ, ଓ ସାଙ୍ଗମାନଙ୍କୁ ପାର୍ଟି ଦେବାରେ । ଗୃହରେ ଏମିତି ପରିବେଶରେ ବିତିଯାଏ ଆଦିତ୍ୟଙ୍କର ଶୈଶବ ଯାହାକି ତାଙ୍କୁ ସୁସଂସ୍କାରୀ ରୂପରେ ପ୍ରତିପାଦିତ କରିପାରିନଥାଏ । ଶୈଶବରୁ କୈଶୋର ଅବସ୍ଥା ପର୍ଯ୍ୟନ୍ତ ଏକୁଟିଆ ହୋଇଯିବାରୁ ନିଜର ସମୟ ଅତିବାହିତ କରିବାପାଇଁ ଅନୁଚିତ ରାସ୍ତାମାନ ଅପଣେଇ ନେଇଛନ୍ତି । ଏମିତିରେ ସେ ଗ୍ରାଜୁଏସନ ସମାପ୍ତ କରନ୍ତି । ଏମବିଏ ପଢ଼ିବାପାଇଁ ବାପାମା ତାଙ୍କୁ ଲଣ୍ଡନ ପଠାଇ ଦିଅନ୍ତି । ତାଙ୍କୁ ଯେତେବେଳେ ୨୪ ବର୍ଷ, ଲଣ୍ଡନରେ ଏମ୍‌ବିଏ ପଢୁଥିବା ବେଳେ ଏକ ରାସ୍ତା ଦୁର୍ଘଟଣାରେ ସେ ନିଜ ପିତାମାତାଙ୍କୁ ହରେଇ ବସନ୍ତି । ଅଗତ୍ୟା ଆଦିତ୍ୟ ଲକ୍ଷ୍ନୌ ଫେରିଆସି ନିଜ ପିତାଙ୍କ କମ୍ପାନୀକୁ ସୁଚାରୁରୂପରେ ଚଳେଇନିଅନ୍ତି । କିନ୍ତୁ ସେତେବେଳକୁ ସେ ସମ୍ପୂର୍ଣ୍ଣ ଭାବେ ଏକା ହୋଇଯାଇ ବିଭିନ୍ନ ପ୍ରକାର ଅନୈତିକ କାର୍ଯ୍ୟରେ ଲିପ୍ତ ହୋଇରହିଥାନ୍ତି । ଦିନରାତି ମଦ୍ୟପାନ କରନ୍ତି, କ୍ଲବରେ ଅଧିକାଂଶ ସମୟ ବିତେଇବା ଇତ୍ୟାଦି । ନିଜର ଏକାନ୍ତକୁ ଦୂର କରିବାପାଇଁ ଏ ସବୁ ସେ କରନ୍ତି, କାରଣ ଏ ସବୁ କରିବା ସତ୍ତ୍ୱେ ନିଜ ମହତ୍ ସେ କେବେ କମ କରିନାହାନ୍ତି ।

ଅପରପାର୍ଶ୍ୱରେ ଲକ୍ଷ୍ନୌର ଏକ ମଧ୍ୟବିତ୍ତ ପରିବାରଥାଏ ହୃଷୀକେଶ ମହାପାତ୍ରଙ୍କର । ତାଙ୍କର ପତ୍ନୀ କମଳା ଦେବୀ, ବଡ଼ ଝିଅ କଳ୍ପନା, ପୁତ୍ର ସୌରଭ, ସାନ ଝିଅ ଅନିତା ଏବଂ





ବିଧବା ମାତ୍ରା ଜାନକୀ ଦେବୀ । ବଡ଼ ଝିଅ କଳ୍ପନା ଏକ ସରକାରୀ ମହାବିଦ୍ୟାଳୟର ବିଏ ଶେଷ ବର୍ଷର ଛାତ୍ରୀ । ପାଠପଢ଼ିବା ସହିତ ଘରେ ବାପା ମା'ଙ୍କୁ ସମସ୍ତ କାମରେ ସାହାଯ୍ୟ କରିବା ତାଙ୍କର ସଉକ । ସର୍ବୋପରି ଏକ ସୁକୁମାରୀ କହିହେବ । ସୌରଭ ଯୁକ୍ତ ଦୁଇରେ ପଢ଼େ ଆଉ ଅନିତା ଦଶମ ଶ୍ରେଣୀରେ । ଏହିପରି ଏକ ପରିବାରର ଅଧିକାରୀ ଥିଲେ ହୃଷିକେଶ ବାବୁ । ଓଡ଼ିଶାରୁ ଦୂରରେ ଥାଇ ସୁଦ୍ଧା ଜଗନ୍ନାଥଙ୍କୁ ଆଦ୍ୟଦେବତା କରି ଦିନରାତି ସ୍ମରଣ କରନ୍ତି ସେ ।

ଆଦିତ୍ୟଙ୍କର ଦିନ ଆରମ୍ଭ ହୁଏ ସକାଳ ଦଶଟାରେ । ଶେଯରେ ଥାଇ ସେ ଚା ନପାଇଲେ ତାଙ୍କ ଦିନ ଆରମ୍ଭ ହୁଏନି । ପ୍ରାତଃ ଜଳଖିଆ ସାରିଦେଇ ସେ କମ୍ପାନୀରେ ପହଞ୍ଚିଯାଆନ୍ତି । ଦିନ କେମିତି କେମିତି ବିତିଯାଏ, ଜଣାପଡ଼େନି ଆଉ ସଂଧ୍ୟା ନଇଁ ଆସୁ ଆସୁ ସେ ପହଞ୍ଚିଯାଆନ୍ତି ବାର୍ ଆଉ କ୍ଲବରେ । ସେହିଠାରେ ଡିନର୍ ଆଉ ଲଘୁ ଓ ନିଶାପାନୀୟର ଆସର ଚାଲେ । ସେ ସବୁ ସରିଲା ବେଳକୁ ମଧ୍ୟରାତ୍ରୀ ହୋଇଯାଏ, ଆଉ ନିଶାସକ୍ତ ହୋଇ ସେ ଘରେ ପହଞ୍ଚିବାପରେ ଚାଲିବା ଅବସ୍ଥାରେ ବି ନଥାନ୍ତି, ଡ୍ରାଇଭର ସ୍ୱରୂପ ଆଉ ପରିବାର ଏକମାତ୍ର ପୁରୁଣା କର୍ମଚାରୀ ସାବିତ୍ରୀ ତାଙ୍କୁ ଧରି ନେଇ ଉପରମହଲାରେ ଥିବା ତାଙ୍କ ଶୟନ କକ୍ଷରେ ଶୁଆଇ ଦିଅନ୍ତି । ସାବିତ୍ରୀ ହେଉଛନ୍ତି ଆଦିତ୍ୟଙ୍କର ଧାଇମା, ଅବଶ୍ୟ ସେ ଏହାକୁ ମାନନ୍ତି ନାହିଁ । ତେଣୁ ସବୁବେଳେ ସେ ସାବିତ୍ରୀ ବୋଲି ହିଁ ସମ୍ବୋଧନ କରନ୍ତି । ସେ ଯାହେଉ, ସାବିତ୍ରୀ ଆଦିତ୍ୟଙ୍କ ପାଦରୁ ଜୋତା ମୋଜା ବାହାର କରି ଦିଅନ୍ତି । ଆବଶ୍ୟକ ହେଲେ ପାଦରେ ତେଲ ଘଷି ଦିଅନ୍ତି ।

ଦିନକର ଘଟଣା, ଆଦିତ୍ୟ ଅଫିସ ଯିବାପାଇଁ ରାସ୍ତାରେ ଥିବା ବେଳେ ଘନଟ୍ରାଫିକ ହେତୁ ଆଗକୁ ଯାଇପାରିଲେ ନାହିଁ, ସେ ଗାଡ଼ି ଭିତରେ ବସିଥିବା ବେଳେ ଦେଖିଲେ ରାସ୍ତା ପାର୍ଶ୍ୱରେ ଚଲାପଥରେ କଳ୍ପନା ଯାଉଛି । କଳ୍ପନା ଜଣେ କଳ୍ପନାତୀତ ସୁନ୍ଦରୀ ଝିଅ । ସେ କଳ୍ପନାକୁ ଦେଖି ଏତେ ଆମୋଦିତ ହେଲେ ଯେ ନିଜ ମୋବାଇଲରେ ତାର ଅନେକ ଫଟୋ ଉଠେଇଲେ । ଏବଂ ଟ୍ରାଫିକ୍ କମ ହେବାପରେ ଡ୍ରାଇଭରକୁ ନିର୍ଦ୍ଦେଶ ଦେଲେ ସେଇ ଝିଅଟିର ଯିବାରାସ୍ତାରେ ଯିବାପାଇଁ । କଳ୍ପନା ଏକ ବସଷ୍ଟପରେ ଠିଆହୋଇଥିଲା, ଏବଂ ଏକ ସିଟିବସରେ ବସି ଚାଲିଯାଇଥିଲା । ଏହାପରେ ଆଦିତ୍ୟବାବୁଙ୍କର ଏହା ନିତିଦିନିଆ ରୁଟିନରେ ସାମିଲ ହୋଇଗଲା । ପ୍ରତିଦିନ ସେ ଅଫିସ ଯିବାବାଟରେ ସେଇ ଏକା ଜାଗାରେ ଅପେକ୍ଷା କରନ୍ତି,





କଳ୍ପନାକୁ ଦେଖିଲେ ହିଁ ଅଫିସ ଯାଆନ୍ତି ।

ଦିନେ ସେ ଅଫିସ ଯିବାବାଟରେ ଦେଖିଲେ କଳ୍ପନାକୁ । କିନ୍ତୁ କଳ୍ପନା ହାତରେ ବହିନଥିଲା, ବରଂ କଳ୍ପନା ନିଜ ସାନ ଭଉଣୀ ସହ ମିଶି କେଉଁଆଡ଼େ ଯିବାକୁ ତତ୍ପର ହେଉଥିଲା । ଆଦିତ୍ୟ ସନ୍ତର୍ପଣରେ ସେମାନଙ୍କ ପିଛା କରିବାପାଇଁ ଡ୍ରାଇଭରକୁ କହିଲେ । କଳ୍ପନା ଅନୀତା ସହ ମିଶି ବଜାର ଉପରେ ଥିବା ଏକ ଅଳଙ୍କାର ଦୋକାନ ଭିତରେ ପଶିବାପରେ, ଆଦିତ୍ୟବାବୁ ନିଜ ଗାଡ଼ିରୁ ଓହ୍ଲେଇ ପଡ଼ି ସେମାନଙ୍କ ପଛେ ପଛେ ସେଇ ଦୋକାନ ଭିତରକୁ ପଶିଗଲେ । ଦୋକାନରେ ବିଭିନ୍ନ କିସମର ଅଳଙ୍କାର ସବୁ ଗୋଟି ଗୋଟି ବରାଦ କରି ଅନିତା ଆଣି ଦେଉଥାଏ ଏବଂ କଳ୍ପନାକୁ ସେ ସବୁ ପିନ୍ଧିବାକୁ ବାଧ୍ୟ କରୁଥାଏ । ଆଦିତ୍ୟବାବୁ ଭଲକରି ଦେଖୁଥାନ୍ତି ଯେ କଳ୍ପନାର ସେ ସବୁ କିଣିବାକୁ ମନ ବି ଥାଏ, ବୋଧହୁଏ ଅର୍ଥାଭାବରୁ ସେ ଏ ସବୁ ଦେଖୁନଥିବ କିମ୍ବା ଦେଖିଲେ ସୁଦ୍ଧା ମନକୁ ପାଇଲା ନାହିଁ ବୋଲି କହୁଥିବ । ଅନେକ ସମୟ ସେମାନେ ଅଳଙ୍କାର ଦେଖିବାପରେ ଦୋକାନର କର୍ମଚାରୀ ବିରକ୍ତଭାବ ପ୍ରକାଶ କରିବା ସ୍ୱାଭାବିକ ଏହି ସମୟରେ ଆଦିତ୍ୟ ସଂପୃକ୍ତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଅନ୍ତି ଯେ ସେ ଝିଅମାନେ ଯେଉଁ ସବୁ ଅଳଙ୍କାର ଦେଖୁଛନ୍ତି ସେମାନଙ୍କୁ ଦେଖାଅ । ସେମାନେ ଅନେକ ଅଳଙ୍କାର ଦେଖାନ୍ତି । କଳ୍ପନା ଅନିଚ୍ଛା ସତ୍ତ୍ୱେ ସବୁ ଗୋଟି ଗୋଟି ପରିକ୍ଷା କରି ଦେଖୁଥାଏ । ଆଦିତ୍ୟ ଦୂରରେ ବସି ଏ ସବୁ ଦେଖୁଥାନ୍ତି । ଅନେକ ସମୟ ବିତିଯିବାପରେ କଳ୍ପନା ଓ ଅନିତା ଫେରି ଆସନ୍ତି ଏବଂ ଏହାପରେ ଆଦିତ୍ୟ ନିର୍ଦ୍ଦେଶ ଦିଅନ୍ତି ଯେ ସେ ଝିଅ ଦୁଇଜଣ ଯେଉଁସବୁ ଅଳଙ୍କାର ପସନ୍ଦ କରିଛନ୍ତି ସବୁ ସେ କ୍ରୟ କରିବେ । ସେ ଦୋକାନରୁ ବାହାରୁଥିବା ବେଳେ କଳ୍ପନା ଓ ଅନିତା ଅଟୋରେ ବସି ଗୃହାଭିମୂଖୀ, ଆଦିତ୍ୟ ନିଜ ଗାଡ଼ିରେ ବସି ସେମାନଙ୍କ ପିଛା କରନ୍ତି ।

ସରକାରୀ କ୍ୱାର୍ଟର ଭିତରେ ସେମାନେ ପଶିଗଲା ପରେ ଆଦିତ୍ୟ ନିଜ ଡ୍ରାଇଭରକୁ ନିର୍ଦ୍ଦେଶ ଦିଅନ୍ତି ସେ ଝିଅମାନଙ୍କ ବିଷୟରେ ସବୁ ଖବର ଆଣିବାପାଇଁ । ଡ୍ରାଇଭର କିଛି ସମୟରେ ସବୁ ଖବର ନେଇ ଆସି ଆଦିତ୍ୟକୁ ଦେଇଦିଏ । ଅଫିସ ସମୟ ହେଉଥାଏ ତେଣୁ ସେ ଅଫିସ ଚାଲିଯାଆନ୍ତି । ପରଦିନ ସନ୍ଧ୍ୟାରେ ସେ ପୁଣି ଫେରନ୍ତି କଳ୍ପନା ରହୁଥିବା ସରକାରୀ କ୍ୱାର୍ଟର ପାଖକୁ । ସେତେବେଳକୁ କଳ୍ପନା ଘରେ ରୋଷେଇରେ ବ୍ୟସ୍ତ । ଆଦିତ୍ୟବାବୁ କଳ୍ପନା ରହୁଥିବା ଘର ବାହାରେ ପହଞ୍ଚିବା ପରେ ହୃଷିକେଶବାବୁଙ୍କ ବିଷୟରେ ପଚାରିବା ପରେ ତାଙ୍କ

ପରିଚୟ ଜାଣିବାପାଇଁ ଉପସ୍ଥିତ କେହିଜଣେ ମହିଳା ପଚାରିବା ପରେ ଡ୍ରାଇଭର ଆଦିତ୍ୟବାବୁଙ୍କ ପରିଚୟ ଦେଇଥାଏ । ପରିଚୟଜାଣିବାପରେ କମଳା ଦେବୀ ଅତି ଆନନ୍ଦର ସହ ଆଦିତ୍ୟବାବୁଙ୍କୁ ଘର ଭିତରକୁ ପାଛୋଟି ନିଅନ୍ତି । ସଦ୍ୟ ଅଫିସରୁ ଫେରି ବିଶ୍ରାମ କରୁଥିବା ହୃଷିକେଶ ବାବୁ ମଧ୍ୟ ଆଦିତ୍ୟଙ୍କ ଆଗମନର କାରଣ ଜାଣିବାପାଇଁ ଇଚ୍ଛା କରିବାପରେ ସେ କଳ୍ପନାକୁ କେଉଁଠି କେବେ କେମିତି ଦେଖିଲେ ଏ ସବୁ କହି ବିବାହ କରିବା ପ୍ରସ୍ତାବ ଦିଅନ୍ତି ।

ବିବାହ ପ୍ରସ୍ତାବ ତା ପୁଣି ଏତେ ବଡ଼ ଘରର ଏକମାତ୍ର ସନ୍ତାନ ସହ, ଯାହାର ଶାଶୁଶଶୁର ନାହାନ୍ତି, ଏ ସବୁ ଶୁଣି କମଳା ଦେବୀ ମନେ ମନେ ଜଗନ୍ନାଥଙ୍କୁ ଶହେ ପ୍ରଣାମ କରି ଘର ଭିତରକୁ ପଶିଗଲେ ଆଉ କଳ୍ପନାକୁ ତରବର ହୋଇ ସଜାଡ଼ି ହେବାକୁ ନିର୍ଦ୍ଦେଶ ଦେଲେ । ଆଦିତ୍ୟ ବାବୁ ନିଜେ କହିଲେ ଯେ ଯଦିଓ ସେ କଳ୍ପନାକୁ ଦେଖି ବିବାହ କରିବା ନିଷ୍ପତ୍ତି ନେଇଛନ୍ତି, ସେ କଳ୍ପନାଙ୍କ ମନ କଥା ଜାଣିନାହାନ୍ତି, ତେଣୁ ପିତା ହୃଷିକେଶ ତାଙ୍କ ମନ କଥା ପଚାରି ଯାହା ନିଷ୍ପତ୍ତି ନେବେ ତାହା ତାଙ୍କୁ ମାନ୍ୟ ହେବ । କମଳାଦେବୀ କଳ୍ପନାକୁ କୁହନ୍ତି ଯେ ପ୍ଲେଟରେ ବିସ୍କୁଟ୍ ଚା' ନେଇ ବୈଠକକୁ ଯାଇ ଯେଉଁ ଭଦ୍ରବ୍ୟକ୍ତି ବସିଛନ୍ତି ତାଙ୍କୁ ଯଥାମାନ୍ୟ ସମ୍ମାନ ହେବାକୁ ।

କଳ୍ପନାକୁ ଦେଖିବାପରେ ଆଦିତ୍ୟବାବୁଙ୍କ ମନରେ ଅନେକ ଶାନ୍ତି । ଚା ଦେଇ ସାରିବାପରେ ହୃଷିକେଶ କଳ୍ପନାକୁ ଭିତରକୁ ଯିବାପାଇଁ କହିଲେ । ହୃଷିକେଶବାବୁଙ୍କ ମନରେ ଅନେକ ସଂଶୟ, ତେଣୁ ସେ କିଛି ଦିନପରେ ନିଷ୍ପତ୍ତି ନେବେ ବୋଲି କହିଦେଲେ । ଆଦିତ୍ୟବାବୁ ସେହିଦିନରୁ ଅନେକ ବଦଳି ଯାଇଛନ୍ତି । ପ୍ରତିଦିନ ସକାଳୁ ସକାଳୁ ଉଠିଯାଉଛନ୍ତି । ଶୀଘ୍ର ଘରକୁ ଫେରୁଛନ୍ତି । ଘରଟାକୁ ଘର ଭଳି ମନେ କରୁଛନ୍ତି । ଆଶା ବାନ୍ଧିଛନ୍ତି ଯେ କଳ୍ପନା ଆସିଲେ ଏ ଘର ସ୍ୱର୍ଗ ହେଇଯିବ । ହୃଷିକେଶବାବୁ ଘରେ ବସି ସମସ୍ତେ ଏକାଠି ଏହି ବିଷୟକୁ ନେଇ ଚର୍ଚ୍ଚା କରିବାପରେ ନିଷ୍ପତ୍ତି ନିଅନ୍ତି ଯେ କଳ୍ପନାର ବିବାହ ଆଦିତ୍ୟ ସହ ହେବ । ଆଦିତ୍ୟ ବଡ଼ଘର ପିଲା ତେଣୁ ତାଙ୍କ ମନରେ ଅନେକ ଦ୍ୱନ୍ଦ ହେବା ସ୍ୱାଭାବିକ । ଶେଷରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆଶ୍ରାକରି ସେ ବିବାହ ପ୍ରସ୍ତାବରେ ରାଜି ହୋଇଥିଲେ ।

ବିବାହ ପାଇଁ ସମ୍ମତି ପାଇବାପରେ ଆଦିତ୍ୟ ଖୁସିରେ ବଜାରରୁ ଏକ ସୁନ୍ଦର ଶାଢ଼ୀ ସହ ସେ ସବୁ ଗହଣା ଓ ଅଳଙ୍କାର ଏକ ଆଟାଚିରେ ରଖି ନେଇ କଳ୍ପନାକୁ ଉପହାର ଦେଇ ଆସିଥିଲେ । ସେହି ଅଳଙ୍କାର ସବୁ ଦେଖି କଳ୍ପନା ସେଇଦିନର ସବୁ ଘଟଣା ମନେ ପକାଉ

ପକାଉ ଆଦିତ୍ୟଙ୍କ ଚେହେରା କୁ ମନେ ପକାଇ ପାରିଥିଲା, ଏ ତ ସେଇ ସୌମ୍ୟଦର୍ଶନ ଯୁବକ ଯେ ସେ ଅଳଙ୍କାର ଦେଖୁଥିବା ବେଳେ ଦର୍ପଣ ପଛରେ ଥାଇ ତାକୁ ଚାହିଁ ରହିଥିଲେ । ସେ ନିଜକୁ ଧନ୍ୟ ମନେ କରୁଥିଲା । ଅଳ୍ପଦିନମଧ୍ୟରେ ସେମାନଙ୍କ ବିବାହ ଅତି ଆଡ଼ମ୍ବରରେ ହୋଇଯାଇଥିଲା । ଆଦିତ୍ୟଙ୍କର ଏତେ ବଡ଼ ଘରର ସେ ମହାରାଣୀ, ତଥାପି ବିବାହ ପରଦିନ ସକାଳୁ ସକାଳୁ ଚା' ତିଆରି କରି ଆଦିତ୍ୟଙ୍କୁ ଦେଇ ଉଠେଇବାପାଇଁ ଯାଇଥିଲା ସେ ।

ଆଦିତ୍ୟଙ୍କ ରୁମ୍‌ର ଝରକାର ପରଦା ହଟେଇ ଦେଇ ସେ ଗୁଡ଼ ମର୍ଣ୍ଣିଂ କହିବା ବେଳକୁ ଆଦିତ୍ୟ ବିରକ୍ତି ପ୍ରକାଶ କରି କହିଲେ, 'ବ୍ଲଡ଼ି ଫୁଲ୍ । କାହିଁକି ଏତେ ସକାଳୁ ମୋତେ ଉଠଉଛ ? ତତେ ଚାକରମାନେ କହିନାହାନ୍ତି କି ମୁଁ କେତେବେଳେ ଉଠେ? ମୁଁ ସକାଳୁ ଉଠେନା । ମନ୍ଦିର ଯାଏ ନା । ତମେ ସଂଧ୍ୟାରେ ସଜ ହୋଇଥିବ କ୍ଲବ୍ ଯିବା । ଜୀବନ ଟା ମଉଜ କରିବାପାଇଁ ହେଇଛି । ବୁଝିଲ । ଆଉ ଏଇ ଚାକରାଣୀ ପରି କାମଧାମ କରିବା ଦରକାର୍ ନାହିଁ । ମୋ ମର୍ଣ୍ଣିଂ ଚା ସୁନିଲ୍ ଆଣିବ । ତୁମେ ଆଣିବା ଦରକାର ନାହିଁ ।' କଳ୍ପନା ରୁମ୍‌ରୁ ବାହାରି ଆସିଲା ।

ତଳେ ସାବିତ୍ରୀ ପ୍ରଶ୍ନ କଲାପରେ କିଛି ଉତ୍ତର ନ ପାଇ କହିଲା, ସେ ଟିକେ ହାଲିଆ ହୋଇ ଶୋଇଯାଇଛନ୍ତି, ବୋଧହୁଏ ବିଳମ୍ବରେ ଉଠିବେ । ଚାଲ ତାଙ୍କ ପାଇଁ ଜଳଖିଆ କରିଦେବା । ନିଜେ ପରିଶ୍ରମ କରି ସୁନ୍ଦର ଜଳଖିଆ କରି ରଖିଦେଇଛି ସେ । ଏହାପରେ ଉପରକୁ ଯାଇ ଆଦିତ୍ୟଙ୍କ ପାଇଁ ଡ୍ରେସ୍ ପ୍ୟାଣ୍ଟ୍ ବାହାର୍ କରି ରଖିଦେଇ ନିଜେ ସୋଫା ଉପରେ ବସି ଅପେକ୍ଷା କରିଥିଲା ସେ କେତେବେଳେ ଉଠିବେ ବୋଲି । ଠିକ୍ ସାଢ଼େ ଦଶଟାରେ ଆଦିତ୍ୟ ଉଠିଲେ, ସୁନିଲ ଚା ନେଇ ଆସିଲା, ଚା ପିଇଦେଇ ସେ ବାଥରୁମ୍ ଯିବାବେଳେ ଟେବୁଲ୍ ଉପରେ ନିଜର ପୋଷାକ ଦେଖି କହିଲେ, 'ତୁମକୁ ମନା କରିଥିଲି ନା, ତୁମେ କିଛି କରିବନି । ହରି ଆସିଲେ ମୋ ପୋଷାକ ବାହାର କରିଦେବ ।' ସେ ବାଥରୁମରେ ପଶିଗଲା ପରେ ହରି ଆସି କପବୋର୍ଡରୁ ପୋଷାକ ବାହାର କରି ଧରି ଠିଆ ହେଲା । ଆଦିତ୍ୟ ଗାଧୋଇସାରିବାପରେ ସେ ପୋଷାକ ପିନ୍ଧି ଅଫିସ ଯିବାପାଇଁ ସଜ ହୋଇଗଲା ବେଳେ କଳ୍ପନା କହିଲା, 'ମୁଁ ତୁମପାଇଁ ଜଳଖିଆ ତିଆରି କରିଛି ।'

ଆଦିତ୍ୟ ବିରକ୍ତିସୂଚକ ଦୃଷ୍ଟିଟିଏ ଦେଇ କୁହେ, 'ତୁମେ କିଛି କରିବନି । ଜୀବନକୁ ଉପଭୋଗ କର । ଟିଭି ଦେଖ, କ୍ଲବ୍ ଯାଅ । ସପିଂ କର । ଏ ସବୁ କାହିଁକି କରୁଛ ? ହଉ ଛାଡ଼

କଣ କରିଛ ? ଚିକେନ୍ ନା ପ୍ରନ୍? ନା ଏଗ୍ ପୋଚ୍ ?' ଚୁପ୍ ଚୁପ୍ ହୋଇ କଲ୍ପନା କହେ, 'ଆଜି ଗୁରୁବାର ବୋଲି କେବଳ ଇଡ଼ଲି, ସାମ୍ବାର୍ କରିଛି ।' ହେ ହେ କରି ହସିଦେଇ ଆଦିତ୍ୟ କହିଲେ, 'ତମ ମୁଣ୍ଡ ଠିକ୍ ଅଛି ତ ? ଏ ସବୁ ରୋଗୀ ଖାଦ୍ୟ ମୁଁ ଖାଏନି ।' ଆଦିତ୍ୟ ଘରୁ ବାହାରି ପଡ଼ିବା ବେଳକୁ ହରି ହାତକୁ ଘଣ୍ଟା ଆଉ ମୋବାଇଲ୍ ବଢ଼େଇ ଦିଏ । ଆଦିତ୍ୟଙ୍କ ବ୍ରିଫ୍‌କେଶ୍ କୁ ଉଠେଇ ତାଙ୍କୁ ଦେବାପାଇଁ ଚେଷ୍ଟା କରୁଥିବା କଲ୍ପନାର ହାତ ଥମିଯାଏ । ଆଦିତ୍ୟ ଥରୁଟିଏ ବି ପଛକୁ ଫେରି ଚାହାନ୍ତି ନାହିଁ ଆଉ ବାହାରିଯାଆନ୍ତି । ନିଜ ଘରେ ବାପା ଅଫିସ ଗଲାବେଳେ କେମିତି ବାରମ୍ବାର ବୁଲି ବୋଉଙ୍କୁ ବିଭିନ୍ନ ନିର୍ଦ୍ଦେଶ ଦେଉଥିଲେ ତାହା ମନେ ପକାଉ ପକାଉ କଲ୍ପନାର ଆଖିରେ ଲୁହ ଆସିଗଲା । ସାବିତ୍ରୀ କହିଲା, 'ବୋହୁ ମା, ତୁମେ କିଛି କରନି । ବାବୁଙ୍କ ସବୁ କାମ ପାଇଁ ଅଲଗା ଅଲଗା ଚାକରବାକର ଅଛନ୍ତି । ତମେ ପିଲା ଲୋକ କାହିଁକି ପରିଶ୍ରମ କରିବ ।' କଲ୍ପନା କହେ, 'ମୁଁ କେମିତି ନ କରିବି ? ଭାରତୀୟ ନାରୀ ଟିଏ ମୁଁ । ସେ ଯାହେଉ, ଯଦି ସେ ଚା ସୁନିଲ୍ ହାତରୁ ହିଁ ପିଇବେ ପିଅନ୍ତୁ, ମୁଁ କିନ୍ତୁ ଚା କରିବି । ପୋଷାକପତ୍ର ବି ମୁଁ ହିଁ ବାଛିବି, ହରି ନେଇ କେବଳ ଦେବ ।'

ଦିନଟା ସାରା ମନମାରି ବସି ସନ୍ଧ୍ୟା ଅପେକ୍ଷାରେ ଥିଲା କଲ୍ପନା । ଆଦିତ୍ୟ କହିଥିଲେ ସନ୍ଧ୍ୟାରେ ଆସିଲେ ବୁଲିଯିବ । କିନ୍ତୁ କାନ୍ଥଘଣ୍ଟାକୁ ଦେଖୁ ଦେଖୁ ରାତି ଦଶଟା ହେଲା । ସାବିତ୍ରୀ ଆସି କହିଲା, 'ବୋହୁ ମା, ତୁମେ ଖାଇଦେଇ ଶୋଇଯାଅ । ଆଦିତ୍ୟ ଆସୁ ଆସୁ ବିଳମ୍ବ ହେବ ।' କିନ୍ତୁ କଲ୍ପନା ଆଖିରେ ନିଦ ନାହିଁ । ଏ କେମିତି କା ରାଜମହଲ ? ତାକୁ ଆଦୌ ଭଲ ଲାଗୁନଥାଏ । ମଧ୍ୟ ରାତ୍ରୀ ହେଲାଣି, ସେ ନିଜେ ଖାଇନି, ସାବିତ୍ରୀ ମଧ୍ୟ ସେଇଠି ସେମିତି ବସିଛି । ଅଧାରାତି ବେଳକୁ ଗାଡ଼ି ଲାଗିଲା, ଖୁସିରେ କଲ୍ପନା ଝରକା ପାଖକୁ ଦଉଡ଼ିଗଲା, ଦେଖିଲା ବେଳକୁ ଡ୍ରାଇଭର ନିଶାସକ୍ତ ଆଦିତ୍ୟଙ୍କୁ ଗାଡ଼ିରୁ ଓହ୍ଲେଇ ଆଣୁଛି । ଏହା ଦେଖି କଲ୍ପନାର ଛାତିରେ ଦୁଲକା ପଶିଲା, ସେ ସାବିତ୍ରୀକୁ ଚାହିଁଲା । ସାବିତ୍ରୀ କହିଲା, ଏହା ଏଠି ନିତିଦିନିଆ କଥା ।

କଲ୍ପନା ଆଦିତ୍ୟଙ୍କୁ ଖଟରେ ଶୁଆଇ ଦେଇ ପାଦରୁ ଜୋତା ବାହାର କରୁ କରୁ ନିଜ ଭାଗ୍ୟ କଥା ଭାବୁଥିଲା ।

ଏହାର ଦ୍ୱିତୀୟ ଭାଗ ଆପଣ ଆଗାମୀ ସଂସ୍କରଣରେ ପଢ଼ିବେ ।






# କୁଳାଙ୍ଗାର ବଚନ...



ଡ: କୁଳାଙ୍ଗାର




## ଜେଲ୍ ଭଡ଼ା



ପୁଅ ପଚାରିଲା- ବାପା
ସବୁ ଲୋକଙ୍କୁ ସିବିଆଇ ଆରେଷ୍ଟ କଲେ
ଜେଲରେ ହେବନି ତ ଜାଗା ?

ବାପା କହିଲେ- ଇଞ୍ଜିନିୟରିଂ
କଲେଜ ସବୁ ଖାଲି ପଡ଼ିଚି
ମାଲିକଙ୍କୁ କହିବା ଭଡ଼ାଲଗା !

ପୁଅ କହିଲା- ରହି ତ ଯିବେ ହେଲେ ଏତେ
ଲୋକ କଣ ଖାଇବେ ?
ବାପା କହିଲେ- ଟଙ୍କିକିଆ ଚାଉଳକୁ
ମାର୍କେଟରୁ କିଣି
ଜେଲର ରାନ୍ଧି ଖୁଆଇବେ !

## ସିବ୍ୟାଇ ଚଉତିଶା





କେଡ଼େ ନିର୍ଦୟ ହେଲୁ ତୁ ସତେ,
କଥା ଶୁଣୁନାହୁଁ କହିଲେ ଯେତେରେ ସିବ୍ୟାଇ ।

ଖଂଟ ବୁଦ୍ଧିକରି ଚିଟିଫଅଣ୍ଡ,
ଖୁଆଇ ଟକରା କରିଲା ତୁଣ୍ଡରେ ସିବ୍ୟାଇ ।

ଗଣିଦେଉଥିଲା ବିଡ଼ା ନୋଅଟ,
ଗାଡ଼ି ଦେଇ ସାଥେ ଉଠାଇ ଫଟୋରେ ସିବ୍ୟାଇ ।

ଘର ଦେଇଥିଲା ଉପାହାରରେ,
ଘଣାପେଲିବାକୁ ହେଲା ପାହାରରେ ସିବ୍ୟାଇ ।

ଓମ୍ ପାର୍ଟି ପାଇଲାରୁ ପାହାର,
ଉଁ ଚୁଁ ଶୁଣୁନୁ ତୁ କାହାରରେ ସିବ୍ୟାଇ ।

-ଡଃ. କୁଳାଙ୍ଗାର
dr.kulangar@gmail.com

# କଣ ଆଉ ରହେ ଏଠି !



ଦୀପକ କୁମାର ବସ୍ତି

ସତ୍ୟକୁ ମିଥ୍ୟାର ରୁପ ଦେଲାପରେ
ନ୍ୟାୟୀକୁ ଅନ୍ୟାୟ ଦେଲାପରେ
ପାପୀକୁ ସ୍ୱର୍ଗପୁର ମିଳିଗଲାପରେ
କ'ଣ ଆଉ ରହେ ଏଠି ?

ମନରୁ ଆଶା ହଜିଗଲା ପରେ
ହୃଦୟକୁ ଜାଳିଦେଲାପରେ
ସ୍ୱପ୍ନକୁ ପ୍ରତାରଣା ଦେଲାପରେ
କ'ଣ ଆଉ ରହେ ଏଠି ?

ବସନ୍ତଟା ହୁତାଶୟମୟ ହେଲାପରେ
ବର୍ଷାରେ ମରୁଡ଼ି ହେଲାପରେ
ବୈଶାଖରେ ବୈତରଣି ବହିଲାପରେ
କ'ଣ ଆଉ ରହେ ଏଠି ?

ରାଜ୍ୟରେ ଜୀବନଟା ବିଖଣ୍ଡିତ ହେଲାପରେ
ନେତାପର ଲୋକସବୁ କଣାବକା ହେଲାପରେ
ସତୀର ସ୍ୱୟଂମ୍ବର ଭାଙ୍ଗିଗଲାପରେ
କ'ଣ ଆଉ ରହେ ଏଠି ?

ପାଠପଢ଼ି ବେକାର ହୋଇଗଲାପରେ
ଜୀବନଟା ଅକର୍ମଣ୍ୟ ହୋଇଗଲାପରେ
ଅଶାନ୍ତିର ବୋଝନେଇ ବଞ୍ଚିବାପରେ
କ'ଣ ଆଉ ରହେ ଏଠି ?

ସୂର୍ଯ୍ୟ ପାହାଡ଼ ତଳେ ବୁଡ଼ି ଗଲାପରେ
ପୂର୍ଣ୍ଣିମାର ଜହ୍ନ ଲୁଚିଗଲାପରେ
ତାରାସବୁ ଅଦୃଶ୍ୟ ହୋଇଗଲାପରେ
କ'ଣ ଆଉ ରହେ ଏଠି ?





ଧୂପକାଠି ଜଳି ଲିଭିଯିବା ପରେ
ଭୁର୍ ଭୁର୍ ଗନ୍ଧ ବାହାରି ଯିବାପରେ
ଗନ୍ଧ ସବୁ ଶୂନ୍ୟରେ ମିଳାଇ ଯିବାପରେ
କ'ଣ ଆଉ ରହେ ଏଠି ?

ଶୂନ୍ୟତାର ନିଚ୍ଛଳ ରାଜ୍ୟରେ
ନୈରାଶ୍ୟର କଳାମେଘ ତଳେ
ମରଣର ଦୃଶ୍ୟମାନ ଇଙ୍ଗିତ ଭିତରେ
କ'ଣ ଆଉ ରହେ ଏଠି ? ? ?

ନବମ ବର୍ଷ, ଷଷ୍ଠ ସଂଖ୍ୟା
ଡିସେମ୍ବର ୨୦୧୪
ଆହ୍ୱାନ ଓଡ଼ିଆ ପରବାର



# ମନେ ଅଛି ତ !!!



ସମରେନ୍ଦ୍ର ବଳଆର ସିଂହ

ଏ ଶୁଣୁଚ...
ଉଠ... ଉଠୁନା ଟିକେ...
ଏତେ ଜଲଦି ଶୋଇପଡ଼ିଲଣି... !

ଓହୋ
ମଣିଷକୁ ଟିକେ ଶାନ୍ତିରେ ଶୁଏଇ ଦେବନି !
ସବୁବେଳେ ସେୟା
ପୁରୁଣା ଖୋଇ ଗଲାନି ।

ନାଁ ମ... ସେମିତି କିଛି ଇଚ୍ଛା ନାହିଁ ଆଜି,
ତମ ଅନିଚ୍ଛାରେ ମୋ ଇଚ୍ଛାଗୁଡ଼ାକର ବା କି ମୂଲ୍ୟ ଅଛି ?
ତମ ଭାଷାରେ ପା’ ଆମ ବଳ ବୟସ ଉତୁରିଗଲାଣି
ତେଣୁ ଇଚ୍ଛାଗୁଡ଼ାକୁ ଏବେ କବର ଦେଇଦେବାକୁ ହେବ
କାମନା ଗୁଡ଼ିକୁ ଅକାମୀ କରିଦେବାକୁ ହେବ
ନା କ’ଣ କହୁଚ ?

ସତରେ ବିଶ୍ୱାସ ହଉନି
ସମୟ ଗୁଡ଼ାକ ଏତେ ଜଲଦି ହାତପାହାନ୍ତାରୁ ଖସିଯାଆନ୍ତି ବୋଲି ।

ବୟସର ଏଇ ମୋଡ଼ରେ
ସେ ପୁରୁଣା କଥାଗୁଡ଼ାକ ଆଉ ଭାବି କି ଲାଭ...
ଅବଶ୍ୟ ଲାଭ ନାହିଁ ସିନା କ୍ଷତି ବି ନାହିଁ ।

ମନେ ଥିବ ତୁମର
ବାହାଘର ପରେ
ଆମେ ଯୋଉ ହନିମୁନରେ ଯାଇଥିଲେ
କି ଶୀତ ସେ
ହେଲେ ସେ ଶୀତରେ ବି ଦି’ଟା କମ୍ବଳ, ରେଜେଇ
ଅଲୋଡ଼ା ହୋଇଯାଇଥିଲା
ଶେଯ ଉପରୁ ତୁମେ ସେଗୁଡ଼ା ନିଜେ ଫିଙ୍ଗିଦେଇଥିଲ
ମନେ ଅଛି ନା ?

ବାଘର ଯେମିତି ଫାଘକୁ ଭୟ

ସେ ରାତିର ଶୀତ ଆମକୁ ସେମିତି ଭୟ କରିଯାଇଥିଲା
ହାଃ ହାଃ...
ପାଣି ବରଫ ହୋଇଯାଉଥିବା ଭଳି ଶୀତରେ
କିଏ କଣ ବାଥ ଟବ୍ ଭିତରେ
ଘଣ୍ଟା ଘଣ୍ଟା ଧରି ରହିପାରେ, ଖେଳିପାରେ, କେଳିପାରେ ???
ହଁ, ସେତେବେଳେ ସେଇ ବୟସ ଥିଲା, ସେଇ ବଳଥିଲା
ଇଚ୍ଛା ଆଉ ଉତ୍ସାହ ଥିଲା, ଭୋକ ବି ପ୍ରବଳ ଥିଲା
ଖାଲି ମୋର ନୁହେଁ, ଆମ ଦି' ଜଣଙ୍କର...
ଏବେ ସିନା ତମକୁ ଭୋକ ହେଉନି...!!!

ମନେ ଅଛି ୟୁନିଭର୍ସିଟି ପଢ଼ିବା ବେଳର କଥା ?
ଯୋଉ ଏକ୍ସ୍‌କରସନ୍ ଯାଇଥିଲେ,
ପାଣିରେ ଗୋଡ଼ ଖସିଯାଇଥିଲା ତମର
ଆଉ ତା'ପରେ ମୋର
ହେଇଯାଇଥିଲା ସବୁ ଏକାକାର
ଝରଣା ପାଣିରେ ଭାସି ଭାସି
ଏକ୍ସ୍‌କରସନ ପାର୍ଟିଠୁଁ କାହିଁ କେତେ ଦୂରକୁ
ଖସିଯାଇଥିଲେ ଆମେ..
ଖାଲି ପାଣି,ଦି'ପଟେ ବଡ଼ ବଡ଼ ଗଛ
ଆଉ ନିର୍ଧୂମ ନିର୍ଜନତା...
ମନେ ଅଛି ପାଣିରୁ ବାହାରିଲା ବେଳକୁ
ଆମେ କେମିତି ବଣମଣିଷ ହୋଇଯାଇଥିଲେ... !!!
ଆଦାମ୍ ଆଉ ଇଭ୍ ତ
ଶାଳପତ୍ରର ଖୋଳପା ଭିତରେ ଆମେ
ଫେରିଥିଲେ ବସ୍‌କୁ...
ମନେ ଅଛି ତ ?
ଶୁଣୁଚ ତ ନା ଶୋଇପଡ଼ିଲ ?

'ବିଶ୍ୱାତ୍ମା', ଏମ୍-୨୩, ଖୋର୍ଦ୍ଧା ବିଡ଼ିଏ କଲୋନୀ, ଖୋର୍ଦ୍ଧା
ଦୂରଭାଷ - ୯୪୩୭୨୩୨୮୯୮





# ଶୁଭ ବିବାହ



ଅକ୍ଷୟ କୁମାର ଦାସ

ଜୀବନ ଗୋଟିଏ କୁଆଁରୀ ମନର
ନୋଳ ମୁକୁଟର ଆଶା
ଜୀବନ ଗୋଟିଏ ସାଥିପାଇଁ ଛୋଟ
ନୀଡ଼ ରଚିବାର ନିଶା

ମାଟି ମହକରେ ମିଶିଯିବି ଏବେ
ଶଢ଼େଇର ଡାଲି, ଭାତ
କୁଆଁର ପୁନେଇଁ ରଜଦୋଳି ଖେଳ
କଙ୍କିଧରା, ଦୋଳଯାତ

ବାପଘର ବାରଣ୍ଡାରେ ଶୋଇଯିବି
ଯେତେ ସବୁ ସ୍ମୃତିର ସୋଦର
ସମୟର ସୀମାନ୍ତରେ ଟଣାହେବ
ନାଲି ନାଲି ସିନ୍ଦୂରର ଗାର

ଝିଅଟି ତ ପରଘରି
ଶାଶୁଘର ତା ପାଇଁ ସବୁଦିନେ
ପୂଣ୍ୟତୀର୍ଥ ତ୍ୟାଗର ଆହୂତି
ସପନର ସୁନାକ୍ଷେତ ମଙ୍ଗଳ ଆରତି

ଜଞ୍ଜାଳରୁ ଜାଇଫୁଲ
ମଣ୍ଡୁଥିବୁ ମା
ଦୁଃଖକୁ ଦୟଣା
ସଭିଁଙ୍କୁ ଆପଣା କରି ବାଟ ଚାଲୁଥିବୁ
ବାଣ୍ଟି ବାଣ୍ଟି ମମତାର ମଧୁର ମୂର୍ଚ୍ଛନା ।

ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରବାର ଦ୍ୱାର ସମ୍ପୂର୍ଣ୍ଣ ନିଃଶୁଳ୍କ ବତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାର ପ୍ରକାଶିତ







# ତୁମେ – ଦୁଇଟି କବିତା



କବ ଭଗିରଥୀ ବେହେର୍

## ତୁମେ ପରା କହିଥିଲ

ସାତ ଜନମ ପାଇଁ ତୁମେ ମୋର
ଏ ଜନମ ଏବେ ବି ଯାଇନି
କେମିତି ତୁମେ ହେଲ ଅନ୍ୟର ॥

ତୁମେ ପରା କହିଥିଲ
ସବୁବେଳେ ପାଖେ ରହିଥିବ ମୋର
ମୋ ଜୀବନ ସଞ୍ଜ ନଇଁନି ଏ ଯାଏଁ
କେମିତି ତୁମେ ହେଇଗଲ ଦୂର ॥

ତୁମେ ପରା କହିଥିଲ
ତୁମେ କିଣିଦେଇଛ ସ୍ୱପ୍ନକୁ ମୋର
ସେ ସ୍ୱପ୍ନ ଏବେ ଅନ୍ୟର ଆଖିରେ
ତୁମେ ବିକିଛ ବୋଲି ଚହଳି ବଜାର ॥

ତୁମେ ପରା କହିଥିଲ
ମୋ ବାହୁ ବନ୍ଧନ ତୁମ ପାଇଁ ଘର
ମୁକୁଳି ପାରିନ ତୁମେ ମୋ ସ୍ମୃତିରୁ
କେମିତି ହେଲି ମୁଁ ପର ॥

## ତୁମେ – ଅନ୍ୱେଷଣ

ରାତିଟେ ରହିଯ ମୋ ଦ୍ୱାରଦେଶେ
ଏ ରାତି କେବେ ବି ପାହିବ ନାହିଁ
ଯେଉଁ ତୃଷ୍ଣା ନେଇ ତୁମେ ଘରୁ ବାହାରିଛ
ସେ ତୃଷ୍ଣା ଅନ୍ୟଠି ମେଣ୍ଟିବ ନାହିଁ ॥

ଦୀପଟିଏ ଜାଳି ତମ ବାଟକୁ ଚାହିଁଛି
ଏ ଦୀପ କେବେ ବି ଲିଭିବ ନାହିଁ
ଯେଉଁ ସୁରୂଜକୁ ଖୋଜି ବାହାରିଛ
ସେ ଆଲୁଅ ଅନ୍ୟଠି ଦେଖିବ ନାହିଁ ॥

ମାସ ପରେ ବର୍ଷ, ବର୍ଷେ ପରେ ଯୁଗ
ଏ ସମୟ କେବେ ସରିବ ନାହିଁ
ଯେଉଁ ପ୍ରେମ ପାଇଁ ତୁମେ ଜଗତ ବୁଲୁଛ
ମୋ ବିନା ସେ ପ୍ରେମ ଅନ୍ୟଠି ନାହିଁ ॥

କହିଦିଅ ସଖୀ, ଅନ୍ୱେଷଣ ତୁମ
ମୋ ମନ କେବେ ବି ଭୁଲିବ ନାହିଁ
ଖୋଜି ଆଣିଦେବି ଇଚ୍ଛାକୁ ତୁମର
ରହିଥିବି ସବୁବେଳେ ସାରଥି ହୋଇ ॥

ମାଳୀ ସାହି, ଆଙ୍କୁଲି, ବ୍ରହ୍ମପୁର, ୭୬୦୦୧୦
ଦୂରଭାଷ : ୭୭୪୯୯୮୪୩୩୩

# ତୁମେ ଆଉ ମୁଁ



ନଳୀମା ନିବେଦିତା ବେହେରା

ଦୂରତ୍ୱର ପ୍ରୟାସରେ ଘେନେଇ ଯାଉଛ
ମୁଁ ତୁମର
ନିକଟତର ପ୍ରୟାସରେ ଧିମେଇଯିବି ।୧।
ତୁମେ ନିଷ୍ଠୁରତାରେ
ବାରମ୍ବାର ହୃଦୟକୁ ମୋର ପ୍ରହାର କରୁଛ
ମୁଁ କ୍ଷମଣୀୟ ହୋଇ
ସେତେ ଥର ତୁମ ମନେ ନଟେଇ ଯିବି ।୨।
ତୁମେ ବିଦୃପ ହସରେ
ସନ୍ତୋଷକୁ ମୋର ଖିନ୍ ଭିନ୍ କରିପାରୁଛ
ପ୍ରେମର ଶୀତଳ ପ୍ରଲେପରେ
ସମ୍ପର୍କର ଡୋରିଧରି କଷଣ ମୁଁ ଜିତି ଯିବି ।୩।
ତୁମର ଅନ୍ତିମ ସମୟ
ସମୀପ ହେବ ତୁମ ଅଜାଣତେ ଦିନେ ଜାଣିସାରିଛି
ମୋର ଅସୀମ ପ୍ରଣୟ
ପାସୋରି ନ ପାରିବ ଜୀବନ ଯୁଦ୍ଧେ, ତୁମର ହୋଇ ରହିଥିବି ।୪।
ତୁମେ ଦିକ୍ ଦିକ୍ ହୋଇ
ପବନରେ ଏକାକାର ହେବାର ପ୍ରତିଶୃତି ଦେଇ ଯେବେ ପାରିଛ
ମୁଁ ଧକ୍ ଧକ୍ ହୋଇ
ଅମୋଘ ଶକ୍ତିରେ ତୁମ ସ୍ପନ୍ଦନର ନିବୀଡ଼ତାର ସେବେ ମିଶିଯିବି ।୫।

ଶିମିଳିପଡ଼ା, ଅନୁଗୁଳ







# ମୁଁ, ସେମାନେ, ଓ ବାଦାମ ଦୋକାନ...



ଅରବନ୍ଦ ଆଗ୍ରୁର୍ଯ୍ୟ

ନାଇଟ୍ ବସଟା ଛାଡ଼ିବାକୁ ଆହୁରି ଅଧଘଣ୍ଟା ସମୟ ଥାଏ। ମୁଁ ବାଧ୍ୟହୋଇ ମୋ ସିଟରେ ବସିଥାଏ। ଘରୁ ଖାଇପିଇ ବସଯାତ୍ରାପାଇଁ ସମ୍ପୂର୍ଣ୍ଣଭାବେ ପ୍ରସ୍ତୁତ ହୋଇ ବାହାରିଥାଏ। ପାହାନ୍ତି ବେଳକୁ ବସ ପହଞ୍ଚିବ ସେଠି। ସେତେବେଳକୁ ଘର ଖୋଜିବାକୁ ଅସୁବିଧା ହେବ ନାହିଁ। ନୂଆଯାଗା ହେଲେ ବି ମୋର ସାଙ୍ଗଟିଏ ଅଛି ସେଠି। ତା'ର ଠିକଣା ଟିପିରଖିଛି, ଛାତି ପକେଟରେ। ଠିକଣା କଥା ମନେ ପଡ଼ିବାପରେ ହାତଟା ଆପେ ଆପେ ଛାତି ପକେଟ ଆଡ଼କୁ ଚାଲିଗଲା। ହାତପୁରେଇ ଦେଖିଲି କାଗଜ ଠିକ୍ ସ୍ଥାନରେ ଅଛି। ଆଶ୍ୱସ୍ତ ହେଲି। ଶୀତଦିନ ରାତି ଶୀଘ୍ର ଗାଢ଼ ହୋଇଯାଏ। ଜଣାପଡୁଥାଏ ସତେ ଯେମିତି ରାତି ଦଶଟା ବାଜିଗଲାଣି। ହାତଘଣ୍ଟାରେ ଦେଖିଲି, ମାତ୍ର ଆଠଟା ହୋଇଥାଏ ସେତେବେଳକୁ। ବସର ଅଧିକାଂଶ ସିଟ୍ ଫାଙ୍କା ପଡ଼ିଛି। ଆଉ ଯେଉଁ କେଇଜଣ ବସିଛନ୍ତି ସେମାନେ ଝରକା ଦେଇ ସମ୍ଭବତଃ ବାହାରେ ଗାଡ଼ିର ଡ୍ରାଇଭରର ଆସିବା ବାଟକୁ ଅନେଇ ରହିଛନ୍ତି। ବସ ଭିତରେ ହିନ୍ଦୀ ଗୀତ ବାଜୁଥାଏ। ବାହାରେ ଧାଡ଼ି ଧାଡ଼ି ଦୋକାନ। ଅନେକ ବନ୍ଦ ହୋଇଗଲାଣି। ଗାଡ଼ି ପାଖରେ ଜଳଖିଆ ଦୋକାନଟିଏ ଏବଂ ତା ପାଖକୁ ଲାଗି ପାନଦୋକାନଟିଏ। ସେଇଠି ଅନେକ ଯାତ୍ରୀ ଗହଳି ଆଉ ସେମାନଙ୍କୁ ଛାଡ଼ିବାକୁ ଆସିଥିବା ଲୋକମାନେ ମଧ୍ୟ। ଅଳ୍ପଦୂରରେ ବତୀଖୁଣ୍ଟଟିଏ। କିନ୍ତୁ ସେଇ ବତୀଖୁଣ୍ଟର ଅଳ୍ପ ଆଲୁଅରେ ବସ ପାଖଟା ଛାଇଛାଇଆ ଲାଗୁଥାଏ। ବସ ଭିତରଟା କିନ୍ତୁ ସମ୍ପୂର୍ଣ୍ଣ ଅନ୍ଧକାର।

ଏଇ ଅଳ୍ପ ସମୟ ହେବ ଜଣେ ଚିନାବାଦାମ ବେପାରୀ ନିଜ ଠେଲାଗାଡ଼ିକୁ ଆଣି ଗାଡ଼ି ପାଖରେ ଠିଆ ହୋଇଛି। ତା ପାଖରେ ବେଶୀ ଭିଡ଼ ନାହିଁ। ହକର୍‌ଟିଏ ଆହୁରି ଡାକ ଛାଡୁଥାଏ ବସକୁ ନୂଆ ଯାତ୍ରୀ ଟାଣିବା ଆଶାରେ। ଆହୁରି ରିଜର୍ଭେସନ ମଧ୍ୟ ହୋଇଥାଏ। ବସଷ୍ଟାଣ୍ଡର କିଛି ଦାଦା ଶ୍ରେଣୀୟ ଟୋକା ହଠାତ୍ ପଶିଆସିଲେ ବସ୍ ଭିତରକୁ। ଅଗ୍ରୀମ ବୁକିଂ କରୁଥିବା ପିଲାଟାକୁ ଟାଣିନେଲେ ତଳକୁ। ପିଲାଟା କହୁଥାଏ, 'ଆରେ ଆରେ, ଏ କଣ? ଏ କଣ ?'

ସେଇ ଦାଦା ଶ୍ରେଣୀୟ ଟୋକାମାନଙ୍କୁ ଜଣେ କହିଲା, 'କୋଉ ଦିନଠୁ ବୁକିଂ କରୁଛୁ ବେ ? ଆମକୁ ଚିହ୍ନିନୁ ?'

ପିଲାଟି ତଥାପି ଧିର ସ୍ୱରରେ କହୁଥିଲା, 'କାହିଁକି, କଣ ଭୁଲ ହେଲାକି ?'

ବସଷ୍ଟାଣ୍ଡରେ ହଠାତ ଜନଗହଳି ହେଲାଣି। ଅନେକ ଲୋକ ରୁଣ୍ଡ ହୋଇଗଲେଣି। ମୋ ସିଟ ଝରକା ବାହାରେ ଏ ସବୁ ହେଉଥାଏ। ସେଇ ଟୋକାମାନେ ପିଲାଟାକୁ ଧକାମାରୁଥାନ୍ତି। ସେ କଣ ହେଲା କଣ ହେଲା କହି ପଚାରୁଥାଏ। ସବୁ ଲୋକମାନେ ନିରବଦ୍ରଷ୍ଟା ସାଜି ସେଇଠି ଠିଆ ହୋଇଥାନ୍ତି। ଏଇ ସମୟରେ ଜଣେ ଧୋବଧୋବଳିଆ ବାବୁ





ସେଇଠି ପହଞ୍ଚିଲେ, ବାଦାମ ବିକାହେଉଥିବା ଗାଡ଼ି ପାଖରେ ନିଜ ଗାଡ଼ି ରଖିଦେଇ ଗାଡ଼ିରୁ ଓହ୍ଲାଉ ଓହ୍ଲାଉ କହିଲେ, 'କଣ ପାଟିତୁଣ୍ଡ ଚାଲିଛି ? ହାଁ...? ଏ ଛପନ, ସେ ପିଲାସହ କାହିଁକି ଲାଗୁଛ ? ଇଆଡ଼େ ଆ ।'

ଏତିକି ଶୁଣୁ ଶୁଣୁ ହଠାତ୍ ସବୁ ଶାନ୍ତ ପଡ଼ିଗଲା ଯେମିତି । ଯେଉଁ ଟୋକାଟା ବେଶି ଗରଗର ହେଉଥିଲା ସେ ପିଲାକୁ ଛାଡ଼ିଦେଇ ବାବୁଙ୍କ ପାଖକୁ ଚାଲିଗଲା । ବାବୁ କହିଲେ, 'ଆରେ ସେ ପିଲା ସହିତ କାହିଁକି ଲାଗୁଛ ? ମାଲିକ କାହିଁ ?' ଛପନ ? ଇୟେ କି ପ୍ରକାର ନାଁ, ତା ହେଲେ ଅନ୍ୟ ଟୋକାମାନଙ୍କ ନାଁ କଣ ସତାବନ, ଅଠାବନ ...??? ମନେ ମନେ ହସିଲି । ସେଇଠୁ ଦେଖିଲି ବାଦାମ ବାଲାର ଠେଲାଗାଡ଼ିକୁ । ଗରମ୍ ଗରମ୍ ବାଦାମ ଭାଜି ଠିକ୍ ଟ୍ରଲି ମଝିରେ କୁଢ କରିଥାଏ ସେ ପିଲା । କୋଡ଼ିଏ ବାଇଶି ବର୍ଷର ଯୁଆନ୍ ଟୋକା । ଟ୍ରଲି ଉପରେ ଗୋଟିଏ ପେଟ୍ରୋମାକ୍ସ୍ ଲାଇଟ୍ ରଖିଛି ।  ମଝିରେ ମଝିରେ ସେଥିରେ ସେ ପମ୍ପ୍ ଦେଉଛି । ହେଲେ ଅଳ୍ପ ସମୟ ପରେ ପୁଣି ଧପ ଧପ ହେଉଥାଏ ସେ ଲାଇଟ୍ । ଏଇ ସମୟରେ ବାବୁ ନିଜ ଟୋକାମାନଙ୍କ ସହ କଥାବାର୍ତ୍ତାରେ ବ୍ୟସ୍ତ ଥାଆନ୍ତି । କଥା ହେଉ ହେଉ ହାତ ବଢ଼େଇ ବାଦାମ ଗାଡ଼ିରୁ ବାଦାମମାନ ଆରାମରେ ନେଉଥାନ୍ତି ଆଉ ଖାଉଥାନ୍ତି । ବାଦାମ ବିକୁଥିବା ପିଲାଟା ନିର୍ବିକାର ଭାବେ ନିଃସହାୟ ହୋଇ କେବଳ ଦେଖୁଥାଏ । ଏଇ ସମୟରେ ଦୁଇଜଣ ଟୋକା ଆସି ବାବୁଙ୍କୁ କଣ କହିଲେ, ବାବୁ ସେଠାରୁ ବିଦାୟ ନେଲେ । ବାଦାମ ବିକୁଥିବା ପିଲାଟି ଶାନ୍ତିରେ ନିଃଶ୍ୱାସ ମାରୁଥିଲା । ସେ ବାଦାମ କୁଢ଼କୁ ସଜେଇବା ବେଳେ ପୁଣି ହାତ ମାରିଲେ ସେ ଦାଦା ଟୋକାମାନେ, ବିନା ଦ୍ୱିଧାରେ ଖାଉଥାନ୍ତି ଆଉ କହୁଛନ୍ତି, 'ଆବେ ରତନା ! ଏ ଗୁଡ଼ାକ ଏତେ ଫସ୍କା ବାଦାମ କଣ ବିକୁଛୁ ବେ ?'

ମୁଣ୍ଡକୁ ବାଁ ହାତରେ କୁଣ୍ଡଉ କୁଣ୍ଡଉ ଦାନ୍ତ ନିକୁଟି ହସିଲା ସେଇ ପିଲାଟି । ତା ନାଁ ଥିଲା ରତନା । ବିଚରାର ନିତିଦିନିଆ ବେପାର ଉପରେ ଖୁଲମ୍ ଖୁଲ୍ଲା ଆକ୍ରମଣ ଚାଲିଥିଲା, ଅଥଚ ପ୍ରାଣ ଭୟରେ ସେ ଉଃ ଟିକେ ବି କହିପାରୁନଥିଲା । ଏଇ ମଧ୍ୟରେ ଦି ତିନିଜଣ ଗରାଖ ବି ଆସି ବାଦାମ କିଣି ନେଇଛନ୍ତି । ଗରାଖ ଆସିବା ଦେଖି ଟୋକାମାନେ ପାନଦୋକାନ ଆଡ଼କୁ ଚାଲିଲେ । ରତନା ଟିକେ ଆଶ୍ୱସ୍ତ ହେଉଥିଲା ବେଳେ ସେଠାରେ ଠିଆହୋଇଥିବା ଆଉ ଜଣେ ଭଦ୍ରଲୋକ ବାଦାମ କୁଢ଼ରେ ହାତମାରି କିଛି ବାଦାମ ଉଦରସ୍ତ କରିଥାନ୍ତି ଆଉ କହୁଥାନ୍ତି, 'କଣ କିହୋ ? ବାଦାମ କୋଉଠିକାର ?'

'ଆମ ନିଜ ବାଦାମ ଚାଷ ପରା ।' ରତନା କହୁଥିଲା । କାଳେ ଏଇ ଭଦ୍ରବ୍ୟକ୍ତି କିଛି ବାଦାମ କିଣିନେବେ, ଭାବି ସେ ପଚାରିଲା, 'ଦେବି କି ଆଜ୍ଞା ?' କିନ୍ତୁ ସେ ଲୋକ କିଣିବା କଥା

ନ କହି ଗୋଟିଏ ପରେ ଗୋଟିଏ ବାଦାମ ନିଜ ପାଟିରେ ପକେଇ ଚାଲିଥିଲେ । ବାଧ୍ୟ ହୋଇ ରତନା ପୁଣି ଟ୍ରଲି ସାମନାକୁ ଆସି ବାଦାମ କୁଢ଼କୁ ସାଉଁଳେଇ ଦେଇ ଏକାଠି କରିବାକୁ ଲାଗିଲା । ଲୋକଟା କିଛି ନ କହି ଚାଲିଗଲା ।

ରତନାର ବାଦାମ ଠୁଳ କରିବା ସରିନଥାଏ । ଆଉ ଗୋଟେ ଟୋକା ଆସି ପହଞ୍ଚିଲା । କହିଲା, 'ଦେ, ମୋ ପେଟ୍ରୋମାକ୍ସ୍ ଟା ଦେ । ଆମେ ଘରକୁ ଚାଲିଯିବୁ ।' ଏମିତି କହୁ କହୁ ବାଁ ହାତରେ ବାଦାମ ଆଣି ସଦ୍‌ବ୍ୟବହାର କରିଲା । ଆଉ ସମ୍ଭାଳି ପାରିଲା ନାହିଁ ରତନା, ପାଟିକରି କହିଲା – 'ତୋ ପେଟ୍ରୋମାକ୍ସ୍ ତ ନେବୁ । ଏଠି ବାଦାମ ଅଣ୍ଡାଳୁଛୁ କାହିଁକି ?'

ହଠାତ୍ ଏମିତି ଆକ୍ରମଣର ଆଶା କରିନଥିଲା ଟୋକାଟା । ତେଣୁ ହଡ଼ବଡ଼େଇଯାଇ କହିଲା, 'କଣ ହେଲା ସେଠୁ, ଗୋଟେ ଦିଟା ବାଦାମ ନେଇଗଲେ କଣ ତୋର ବେଉସା ବୁଡ଼ିଯାଉଛି ?'

ରତନାର ରାଗ କମ ହୋଇନଥିଲା । ସେ ପାଟିକରି ସମସ୍ତଙ୍କୁ ଶୁଣାଇଲା ଭଳି କହୁଥିଲା;

'ଗୋଟେ କି ଦି'ଟା ? ତୁ ନବୁ ଗୋଟେ ଦିଟା, ସେ ନବ ଗୋଟେ ଦିଟା, ତାକୁ ଦେଖି ଆଉ କିଏ ନବ ଗୋଟେ କି ଦିଟା । ମୁଁ କଣ ଏଠି ଦାନ କରିବାପାଇଁ ଆସିଚି ?'

ଟୋକାଟା ପେଟ୍ରୋମାକ୍ସ୍ ଲାଇଟ୍ ନେଉ ନେଉ କହୁଥିଲା, 'ଛାଡ଼ ଛାଡ଼ । କାଲି ପଇସା ଦେଇ ଦେବି ।'

ରତନା ତା ଟ୍ରଲିକୁ ଠେଲି ଯାଉ ଯାଉ କହୁଥିଲା, 'ହୁଁ, କେତେ ପଇସା ଦେବୁ ସବୁ ଜାଣିଚି । ମାଗଣା ଖାଇବା ପାଇଁ ସବୁ ଆଗୁଆ ।'

ସେ କଣ କଣ ଗୁଣୁଗୁଣୁ ହେଇ କହିଯାଉଥିଲା, ତାହା ତା ସହ ଦୂରରୁ ଦୂରକୁ ଚାଲିଯାଉଥିଲା ଆଉ ଶୁଣାଯାଉନଥିଲା । ହଠାତ୍ ଗାଡ଼ି ଷ୍ଟାର୍ଟ୍ ହେବା ଦେଖି ଜାଣିଲି, ଡ୍ରାଇଭର ଆସିଗଲାଣି । ଗାଡ଼ି ଛାଡ଼ିବା ସମୟ ପରେ ଆହୁରି ପନ୍ଦର ମିନିଟ୍ ବିଳମ୍ବ ହେଲାଣି । ଲୋକମାନେ ଗାଡ଼ି ଭିତରକୁ ପଶିଆସିବାକୁ ପ୍ରତିଯୋଗୀତା କରୁଥିଲା, ମୁଁ ନିଜ ସିଟକୁ ଆଉଜି ବସିଯାଇଥିଲି ।

ନବମ ବର୍ଷ, ଷଷ୍ଠ ସଂଖ୍ୟା
ଡିସେମ୍ବର ୨୦୧୪



ଆହ୍ୱାନ ଓଡ଼ିଆ ପରବାର



# କେଜରିୱାଲ୍...



ସ୍ୱରୂପ କୁମାର ମଲ୍ଲ

୧.କେଜରୱାଲ ଏତେ ସାଧୁ  ଯେ, ସେ ମଶାକୁ ମାରଦେଲେ ପୋଲସ ପାଖରେ ସରେଣ୍ଡର ହୋଇଯାଆନ୍ତ।

୨.କେଜରୱାଲ ଏତେ ସାଧୁ  ଯେ, ସେ ବର୍ଷାଦନେ ‘ସୂର୍ଯ୍ୟ ନମସ୍କାର’ କରନ୍ତ ନାହ।

୩.କେଜରୱାଲ ଏତେ ସାଧୁ  ଯେ, ସେ ‘ବଡିଗାର୍ଡ’ ସିନେମା ଦେଖିବାକୁ ମନାକଲେ କାରଣ ସେ ସୁରକ୍ଷାକୁ ପସନ୍ଦ କରନ୍ତନ।

୪.କେଜରୱାଲ ଏତେ ସାଧୁ  ଯେ, ସେ ‘ଲଭ ଦ ୱେ ୟୁ ଲାଏ’ ଗୀତକୁ ପସନ୍ଦ କରନ୍ତନ।

୫.କେଜରୱାଲ ଏତେ ସାଧୁ  ଯେ, ଯେତେବେଳେ ତାଙ୍କ ସ୍ତ୍ରୀ କହଲେ ମତେ ଜହ୍ନ ଆଣି ଦବ
କ, ସେ ‘ଇସ୍ରୋ’କୁ  ଆଦେଶ ଦେଲେ ‘ଚନ୍ଦ୍ରାୟାନ-୧’ ଖେପଣ କରବାକୁ !

୬.କେଜରୱାଲ ଏତେ ସାଧୁ  ଯେ, ସେ ଗୋଟେ ଦୋକାନୀ ଉପରେ ଲାଞ୍ଚ ଆରୋପ ଲଗାଇଲେ ଯେ ଭୁଲରେ  ୧୦ ଟଙ୍କା ଦେଇ ଦେଇଥିଲା ।

୭.କେଜରୱାଲ ଏତେ ସାଧୁ  ଯେ, ତାଙ୍କର ‘ଏଲ ଆଇ ସି’ ପଲସି ନାହିଁ କାରଣ ସାଧୁତା ସବୁଠୁ ବଡ ପଲସି ଅଟେ।

୮.କେଜରୱାଲ ଏତେ ସାଧୁ  ଯେ, ସେ ଗଧୁଆକୁ ଗାଳ ଦଅନ୍ତ ଯେତେବେଳେ ସେ ମିଛ କହେ।

୯.କେଜରୱାଲ ଏତେ ସାଧୁ  ଯେ, ସେ ଯଦ ବୋମା ପାଆନ୍ତ  ତାକୁ ଯାଇ ଆତଙ୍କବାଦୀଙ୍କୁ  ଫେରେଇ ଦଅନ୍ତ।

୧୦.କେଜରୱାଲ ଏତେ ସାଧୁ  ଯେ, ସେ ମ୍ୟାଗି ନୁଡୁଲ୍ସ କେବଳ ୨ ମିନଟ ଯାଏଁ ରାନ୍ଧନ୍ତ।

୧୧..କେଜରୱାଲ ଏତେ ସାଧୁ  ଯେ, ସେ ତାଙ୍କ ଶଳାକୁ ଜେଲ ପଠାଇଥିଲେ, ଯେତେବେଳେ ସେ ତାଙ୍କ ବାହାଘରବେଳେ ତାଙ୍କ ଜୋତାକୁ ଲୁଚେଇ ରଖିଥିଲା।

୧୨.କେଜରୱାଲ ଏତେ ସାଧୁ  ଯେ,ସେ ତାଙ୍କ ସ୍ତ୍ରୀ’ଙ୍କଠାରୁ ଅନୁମତ ଆଣନ୍ତ ଅନ୍ୟ ଝିଅମାନଙ୍କ ସହ କଥା ହେଲେ।

୧୩.କେଜରୱାଲ ଏତେ ସାଧୁ  ଯେ, ସେ ଥରେ ଗୁଲାପଜାମୁ ବରୋଧରେ ଧାରଣା ଦେଲେ କାରଣ ନା ସେଥିରେ ଗୁଲାପ ଥିଲା ନା ଜାମୁ।

୧୪.କେଜରୱାଲ ଏତେ ସାଧୁ  ଯେ, ସେ କେବେ କମ୍ପ୍ୟୁଟର ଗେମରେ ଚିଟ୍ କୋଡ଼ ବ୍ୟବହାର କରନ୍ତ ନାହିଁ।

୧୫.କେଜରୱାଲ ଏତେ ସାଧୁ  ଯେ, ସେ ଯେତେବେଳେ "ଟର୍ମସ ଅଫ ଇନ୍ସ୍ଟଲ"ରେ ରାଜ ହୁଅନ୍ତନ ସେ "ଡିକ୍ଲାଇନ" କରନ୍ତ ସଫ୍ଟୱେର "ଇନସ୍ଟଲ" କରବାକୁ ।

୧୬.କେଜରୱାଲ ଏତେ ସାଧୁ  ଯେ, ଆପଣ ଯଦ କେବେ "ଗୁଗୁଲ"ରେ "ସାଧୁ" ସର୍ଚ୍ଚ ମାରବେ ତେବେ ଆପଣ ଉତ୍ତର ପାଇବେ "ଡିଡ ୟୁ ମିନ କେଜରୱାଲ" ?

୧୭.କେଜରୱାଲ ଏତେ ସାଧୁ  ଯେ,ସେ "ଆରଟିଆଇ"  ଫାଇଲ କରନ୍ତ ନଜ ପିଲାଙ୍କ ସ୍କୁଲ ରେଜଲ୍ଟ  ଜାଣିବା ପାଇଁ  ।

୧୮.କେଜରୱାଲ ଏତେ ସାଧୁ  ଯେ,ସେ କେବେ "ୟୁଟ୍ୟୁବ୍"ରେ "ଆଡ" "ସ୍କିପ୍"  କରନ୍ତ ନାହିଁ।

୧୯.କେଜରୱାଲ ଏତେ ସାଧୁ  ଯେ,ସେ "କୋଲଗେଟେ"ରେ ସଲ୍ଟର ପରମାଣ ମାପନ୍ତ ।

୨୦.କେଜରୱାଲ ଏତେ ସାଧୁ  ଯେ,ସେ ଯଦ କେବେ ପରୀକ୍ଷାରେ କପି ନେଇ ଥାଆନ୍ତ, ସେ ପ୍ରଥମେ ତାକୁ କାଢି ସବୁ ଘୋଷନ୍ତ, ତା ପରେ କପି ନଦେଖି ଉତ୍ତର ଲେଖନ୍ତ ।

ସୋ:-ଇଣ୍ଟରନେଟ ଓ ଫେସବୁକରୁ ପ୍ରାପ୍ତ







# ନାରୀ



ଗିରୀଶ ଚନ୍ଦ୍ର ପଣ୍ଡା

ଜନନୀ ଭଗିନୀ ଯାୟା
ନନ୍ଦିନୀ କାମିନୀ ମାୟା
ଛଳନା ଲାଞ୍ଛନା ପ୍ରତାରଣା ହୟା
ଦୟା କ୍ଷମା ପ୍ରେମ ସର୍ବଂସହା
ମହାମାୟା ଜଗଦମ୍ବା ଦେବୀ ଆଦ୍ୟା, ଦଶ ମହାବିଦ୍ୟା
କବିତା, ଲତା ଅବା ପ୍ରଳୟ ସଂହିତା ?
ସାଥୀ, ପ୍ରୀତି, ସ୍ତ୍ରୀ, ବାରଙ୍ଗନା ପୁଣି ରାକ୍ଷସୀ ?
ହେ ନାରି !
ତୋ'ର ଯେ କେତେ ରୂପ କିଏବା ପାରିବ ଜାଣି !


କୃଷ୍ଣର ରାଧା ପୁଣି କୃଷ୍ଣା,
ଶଙ୍କର ଶକ୍ତି ପୁଣି ତୃଷ୍ଣା
ରାବଣର ସୀତା ପୁଣି ଶୂର୍ପଣେଖା
ଋଷ୍ୟଶୃଙ୍ଗର ଜରତା, ଅଯୋଧ୍ୟା ମନ୍ଥରା
କାହ୍ନାର ଦେବକୀ - ଯଶୋଦା
ଶିବର ପାର୍ବତୀ, ଶ୍ମଶାନର କାଳୀ
ଦଶରଥ କୈକେଇ, ପାଣ୍ଡବ ପାଞ୍ଚାଳୀ
ଗୋପପୁର ଗୋପୀ, ଜଗାର ତୁଳସୀ
ସାଗର ମନ୍ଥନେ ଲକ୍ଷ୍ମୀ, ଦାନବ ମୋହିନୀ
ଦକ୍ଷ ପାଇଁ ସତୀ.......
ହେ ନାରି !
ତୋ'ର ଯେ କେତେ ରୂପ କିଏବା ପାରିବ ଜାଣି !

ଆହ୍ୱାନର ଆଗାମୀ ସଂସ୍କରଣ ଜାନୁଆରୀ ମାସରେ ପ୍ରକାଶିତ ହେବ । ନଜ ଦ୍ୱାର୍ ଲଖିତ କବତା ଓ କାହାଣୀ ଶୀଘ୍ର ଆମ ନକଟକୁ ପଠାନ୍ତୁ ।

ଆପଣଙ୍କ ଲଖିତ କବତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତହାସ, ରୋଷେଇ, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦ ଆପଣ ଇ-ମେଲ୍ ଦ୍ୱାର୍ ଆମ ନକଟକୁ ପଠାଇ ପାରବେ ।

ଆମ ଇ-ମେଲ୍ ଠିକଣା :

**aahwaan@gmail.com**




ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜା ପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବା ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର - ୨ୟ ଗଳି
ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦
ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍‌ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା - aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**